


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୦୧ ● ୨୧ ଅଗଷ୍ଟ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-201 ● 21st August 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଶ୍ରମ ସଂହିତା ପାଇଁ ପୁରୁଣା ‘ଶିଳ୍ପ’ ସଂଜ୍ଞା ଲାଗୁ ହେବନାହିଁ

**ନୂଆଦିଲ୍ଲୀ, ୨୦।୮**

କାହାକୁ ‘ଶିଳ୍ପ’ କୁହାଯିବ? ଏହି ପ୍ରଶ୍ନକୁ ନେଇ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୯-ଜଣିଆ ଖଣ୍ଡପୀଠ ୫:୪ ବହୁମତରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କର୍ମଚାରୀ ଓ ନିଯୁକ୍ତିଦାତା ସମ୍ପର୍କ ଉପରେ ଏହି ରାୟର ସୁଦୂରପ୍ରସାରୀ ପ୍ରଭାବ ରହିବ। ଗୋଟିଏ ପଟେ କର୍ମଚାରୀ କଲ୍ୟାଣ ଦୃଷ୍ଟିରୁ ଅନୁକୂଳ ଥିବା ୧୯୭୮ର ପୁରୁଣା ରାୟକୁ କୋର୍ଟ କେବଳ ପୁରୁଣା ମାମଲା ପାଇଁ ବଳବତ୍ତର ରଖିଛନ୍ତି। କିନ୍ତୁ ‘ଶିଳ୍ପ ସମ୍ପର୍କ ସଂହିତା-୨୦୨୦’ ପାଇଁ ତାହା ଲାଗୁ ହେବ ନାହିଁ ବୋଲି କୋର୍ଟ କହିଛନ୍ତି।



ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ସମେତ ପାଞ୍ଚ ଜଣ ବିଚାରପତି ରାୟ ସପକ୍ଷରେ ଓ ବିଚାରପତି ବି ଭି ନାଗରତ୍ନାଙ୍କ ସମେତ ୪ ଜଣ ବିଚାରପତି ଏହାର ବିରୋଧରେ ମତ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ଦେଶର ଶ୍ରମିକ, ସରକାରୀ ଓ ଘରୋଇ ସଂସ୍ଥା, ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସେବା କ୍ଷେତ୍ର ପାଇଁ ବିଶେଷ ମହତ୍ତ୍ୱ ରଖୁଛି। କାରଣ ‘ଶିଳ୍ପ’ର ପରିସର ନିର୍ଣ୍ଣୟ ହେବା ଉପରେ ଅନେକ ସଂସ୍ଥାର କର୍ମଚାରୀଙ୍କୁ ଶ୍ରମ ଆଇନର ସୁରକ୍ଷା ଓ ଶିଳ୍ପ ବିବାଦ ଆଇନର ସୁବିଧା ମିଳିବ କି ନାହିଁ ତାହା ନିର୍ଭର କରୁଛି।

୧୯୮୭ରେ ‘ବାଙ୍ଗାଲୋର ଜଳ ଯୋଗାଣ ଓ ସ୍ୱରେଜ ବୋର୍ଡ ବନାମ ଏ ରାଜପ୍ପା’ ମାମଲାରେ ସୁପ୍ରିମକୋର୍ଟଙ୍କ ସାତ ଜଣିଆ ବିଚାରପତି ଖଣ୍ଡପୀଠ ‘ଶିଳ୍ପ’ ଶବ୍ଦର ବ୍ୟାପକ ବ୍ୟାଖ୍ୟା କରିଥିଲେ। ସେଥିରେ ମୁଖ୍ୟତଃ ସଂସ୍ଥାର କାର୍ଯ୍ୟ ସୁସଂଗଠିତ କି ନୁହେଁ, ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟ ଚାଲୁଛି କି ନାହିଁ ଏବଂ ମଣିଷର ଆବଶ୍ୟକତା ପୂରଣ ପାଇଁ ପଣ୍ୟ କିମ୍ବା ସେବା ଯୋଗାଇବା ସହ ଏହାର ସମ୍ପର୍କ ରହିଛି କି ନାହି, ସେଭଳି ଦିଗଗୁଡ଼ିକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ବ୍ୟାପକ ବ୍ୟାଖ୍ୟା ଯୋଗୁଁ କେବଳ ପାରମ୍ପରିକ କାରଖାନା କିମ୍ବା ବ୍ୟବସାୟ ନୁହେଁ, ହସ୍ପିଟାଲ, ବିଶ୍ୱବିଦ୍ୟାଳୟ, ଦାତବ୍ୟ ଅନୁଷ୍ଠାନ ଓ କେତେକ ସରକାରୀ କାର୍ଯ୍ୟକଳାପ ‘ଶିଳ୍ପ’ ପରିସରକୁ ଆସିପାରିଥିଲା। ଶିଳ୍ପ ପାଇଁ ‘ଲାଭ କରିବା’ ଏକମାତ୍ର ମାନଦଣ୍ଡ *(ପୃଷ୍ଠା ୭ରେ)*

## ଜାପାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ କଲେ ରାଜନାଥ ସିଂହ

# ସାମୁଦ୍ରିକ ସୁରକ୍ଷା ସହଯୋଗ ପାଇଁ ଭାରତ ଏବଂ ଜାପାନ ସହମତ

**ନୂଆଦିଲ୍ଲୀ, ୨୦।୮**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ଦିନ ନୂଆଦିଲ୍ଲୀଠାରେ ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମିଙ୍କୁ ସ୍ୱାଗତ କରିଥିଲେ ଏବଂ ତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ‘ଜାପାନ-ଭାରତ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ଭାଗିଦାରୀ’ ଅଧୀନରେ ପ୍ରତିରକ୍ଷା ସହଯୋଗକୁ ନିରନ୍ତର ସୁଦୃଢ଼ କରିବା ଲାଗି ଉଭୟ ଦେଶ ସ୍ୱାଗତ କରିଥିଲେ। ଦୁଇ ମନ୍ତ୍ରୀ ସେମାନଙ୍କ ନେତୃତ୍ୱରେ ଏକ ମୁକ୍ତ ଏବଂ ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ପ୍ରତିରକ୍ଷା ସହଯୋଗକୁ ଆହୁରି ସୁଦୃଢ଼ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

ଦ୍ୱିପାକ୍ଷିକ ଆଲୋଚନା ପରେ ମିଳିତ ବିବୃତିରେ କୁହାଯାଇଛି ଯେ ବିଶ୍ୱବ୍ୟାପୀ ଉତ୍ତେଜନା ବୃଦ୍ଧି ପାଉଥିବା ସମୟରେ ଦୁଇ ଦେଶ ମଧ୍ୟରେ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସୁରକ୍ଷା ପରିବେଶର ମୂଲ୍ୟାଙ୍କନ ବାଣ୍ଟିବା ଆବଶ୍ୟକ। ନୌଚାଳନା ଏବଂ ଓଭରଫ୍ଲାଇଟର ସ୍ୱାଧୀନତା ଏବଂ ସୁରକ୍ଷାରେ ବାଧା ସୃଷ୍ଟି କରୁଥିବା କୌଣସି ଏକତରଫା



କାର୍ଯ୍ୟାନୁଷ୍ଠାନ ତଥା ବଳପୂର୍ବକ କିମ୍ବା ଟା ଦ୍ୱାରା ବର୍ତ୍ତମାନର ସ୍ଥିତିକୁ ପରିବର୍ତ୍ତନ କରିବାର କୌଣସି ପ୍ରୟାସକୁ ସେମାନେ ଦୃଢ ଭାବରେ ବିରୋଧ କରିଥିଲେ। ଦୁଇ ମନ୍ତ୍ରୀ ସାମୁଦ୍ରିକ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଜାପାନ ଓ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ସାମୁଦ୍ରିକ ସୁରକ୍ଷା ସହଯୋଗ ରାଜିନାମା ସ୍ୱାକ୍ଷର କରିଥିଲେ। ଏହି ସ୍ମାରକପତ୍ର ଦ୍ୱାରା *(ପୃଷ୍ଠା ୭ରେ)*

## ଜେଲ୍ କର୍ମଚାରୀ ଓ ଅଧିକାରୀମାନଙ୍କ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି

**ଭୁବନେଶ୍ୱର, ୨୦।୮**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଜେଲ୍ ସଂଗଠନର ଅଧିକାରୀ ଓ କର୍ମଚାରୀମାନଙ୍କର ଭତ୍ତା ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ ଜେଲ୍ କର୍ମଚାରୀ ଓ ଅଧିକାରୀମାନଙ୍କ ବାର୍ଷିକ ପୋଷାକ ଭତ୍ତା ୨ ଗୁଣ ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ଅନୁଯାୟୀ ଡିଆଇଜି ଅଫ୍ ପ୍ରିଜନସ୍‌ଙ୍କ ଠାରୁ ଆରମ୍ଭ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜିକରଣ ଅବଧି ଅଗଷ୍ଟ ୩୧ ଯାଏଁ ବୃଦ୍ଧି।
- ସେପ୍ଟେମ୍ବର ୧୨ରେ ଖୋର୍ଦ୍ଧା ଜିଲ୍ଲାର ସବୁ ବିଚାର ବିଭାଗୀୟ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ।
- ରିଅଲ ଇଷ୍ଟେଟ ବ୍ୟବସାୟ ସହ ଜଡିତ ବ୍ୟବସାୟୀମାନଙ୍କ ଠିକଣାରେ ଇଡିର ଚଢ଼ଉ।
- କ୍ୟାବିନେଟ : ଲଦାଖରେ ସ୍ଥାପିତ ହେବ ଜମ୍ମୁ-କଶ୍ମୀର ଉଚ୍ଚ ନ୍ୟାୟାଳୟର ବେଞ୍ଚ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୯୨୭ (+୪୩୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୦୦ (+୩୯୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୪୬ (+୩୨୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୧୦)

## ଏକାଳ ପଖାଳ



କହିଲେ ସବୁ ଖରାପ ଭାବନ୍ତି
ମନକୁ ବାଧେ ସତେ
ବାଟ ଚାଲୁ ଅଛି ଜନତା ଭଙ୍ଗେ
ମାପି ଏବେ ବାଉହଡେ
ଦରମାରେ ଜୀବନକୁ ନାଚେ
ତିନି ପିଠା ଲାଗେ ପିଆଜ କଇଏ
ବାକି ପଚାରନ୍ତି କେତେ।

# ‘ବନ୍ଦେ ମାତରମ୍’କୁ ନେଇ କଂଗ୍ରେସ ତୁଷ୍ଟୀକରଣ ରାଜନୀତି କରୁଛି

**ନୂଆଦିଲ୍ଲୀ, ୨୦।୮**

କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା କଂଗ୍ରେସ ୱାର୍କିଂ କମିଟିର ପୂର୍ଣ୍ଣ ସଙ୍ଗୀତ ପରିବର୍ତ୍ତେ ‘ବନ୍ଦେ ମାତରମ୍’ର କେବଳ ଦୁଇଟି ଅନ୍ତରା ଗାଇବାର ନିଷ୍ପତ୍ତି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାକୁ ଦେଶ ବିରୋଧୀ ପଦକ୍ଷେପ ବୋଲି କହି ସେ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ପୁଣି ଥରେ ତୁଷ୍ଟୀକରଣ ରାଜନୀତି ଏବଂ ଭୋଟ୍ ବ୍ୟାଙ୍କ ରାଜନୀତିକୁ ଫେରୁଛି।

ଅମିତ ଶାହ କହିଥିଲେ ଯେ, ୧୯୩୭ ମସିହାରେ କଂଗ୍ରେସ ତୁଷ୍ଟୀକରଣ ପାଇଁ ‘ବନ୍ଦେ ମାତରମ୍’କୁ ଦୁଇ ଭାଗରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଥିଲା। ତାଙ୍କ ମତରେ, ଏହି ପ୍ରକାର ରାଜନୀତି ଦ୍ୱି-ରାଷ୍ଟ୍ର ସିଦ୍ଧାନ୍ତକୁ ଶକ୍ତି



ଦେଇଥିଲା ଏବଂ ଏହା ଆଗକୁ ବଢି ଦେଶ ବିଭାଜନ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ସେ କହିଥିଲେ ଯେ ‘ବନ୍ଦେ ମାତରମ୍’ର ୧୫୦ତମ ବାର୍ଷିକୀ ଅବସରରେ ମୋଦୀ ସରକାର ଏହି ଐତିହାସିକ ଭୁଲ୍‌କୁ ସଂଶୋଧନ କରିଥିଲେ ଏବଂ ସମ୍ପୂର୍ଣ୍ଣ ସଙ୍ଗୀତକୁ ବୈଧତା ପ୍ରଦାନ କରିଥିଲେ। ଶାହା ଅଭିଯୋଗ କରିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ପୁଣି ଥରେ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ତୁଷ୍ଟୀକରଣର ସମାନ ପଥ ଅନୁସରଣ କରୁଛି।

ଅମିତ ଶାହା କଂଗ୍ରେସର ଏହି ନିଷ୍ପତ୍ତିକୁ ସଂସଦ ଦ୍ୱାରା ପ୍ରସ୍ତୁତ ଆଇନ ପ୍ରତି ‘ଖୋଲାଖୋଲି ଅବମାନନା’ ବୋଲି ବର୍ଣ୍ଣନା କରିଥିଲେ। କଂଗ୍ରେସର କଥିତ ତୁଷ୍ଟୀକରଣ ରାଜନୀତି ବିରୋଧରେ ଏକଜୁଟ୍ ହୋଇ ସ୍ୱର ଉତ୍ତୋଳନ କରିବାକୁ ସେ ଦେଶବାସୀଙ୍କୁ ନିବେଦନ କରିଥିଲେ। ସେ କହିଥିଲେ ଯେ ‘ବନ୍ଦେ ମାତରମ୍’ ସହିତ ପୂର୍ବରୁ ହୋଇଥିବା ଭୁଲ୍‌ର ପରିଣାମ ଦେଶ ଭୋଗିଛି ଏବଂ ଏଭଳି ଭୁଲ୍‌ର ପୁନରାବୃତ୍ତି ହେବା ଉଚିତ୍ ନୁହେଁ।

# ବିପିପିଏଲ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨୦।୮**

**ନ୍ୟୁଜ୍ ବ୍ୟୁରୋ**

ବୈତରଣୀ ପାୱାର ପ୍ରୋଜେକ୍ଟ ଲିମିଟେଡ (ବିପିପିଏଲ)କୁ ନୋଟିସ୍ ପ୍ରସଙ୍ଗରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ବିପିପିଏଲ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉଛି। ଦରକାର ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେଥିପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି । ବିପିପିଏଲ ଏହାର ଜବାବ ଦେଲା ପରେ କେଉଁ ପରିସ୍ଥିତିରେ ପାଣି ଛାଡ଼ିଲେ ତାହା ଜଣାପଡ଼ିବ । ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଏବଂ ବିପିପିଏଲ ମଧ୍ୟରେ ସମନ୍ୱୟ ରହିବା କଥା। ଯାହା ଜଣାପଡୁଛି ସୂଚନା ନ ଦେଇ ବିପିପିଏଲ ପାଣି ଛାଡ଼ିଛନ୍ତି। ସୂଚନା ନ ଦେଇ ପାଣି ଛାଡ଼ିବା ଯୋଗୁ ବିପଦ ସୃଷ୍ଟି ହୋଇଛି । ତେଣୁ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ପକ୍ଷ ରଖିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇଛି । ଜବାବ ମିଳିବା ପରେ ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏସଆରସି କହିଛନ୍ତି ।

ବୈତରଣୀ ନଦୀର ତଳମୁଣ୍ଡରେ ଅନିୟନ୍ତ୍ରିତ ବନ୍ୟା ପରିସ୍ଥିତି ସୃଷ୍ଟି କରିବା ଅଭିଯୋଗରେ ‘ବୈତରଣୀ ପାୱାର ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ’ (ବିପିପିଏଲ) କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଇଞ୍ଜିନିୟରଙ୍କୁ ଏସମ୍ପର୍କରେ ଚିଠି ଲେଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବୈତରଣୀ ପାୱାର ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ ସଂସ୍ଥା ବୈତରଣୀ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ପିକ୍ ଫ୍ଲଡ୍ ଏବଂ ଫ୍ଲାସ୍ ଫ୍ଲଡ୍ ସମୟରେ ମନମୁଖୀ ଓ ଅନିୟମିତ ଭାବେ ବ୍ୟାରେଜ ଗେଟ୍‌ଗୁଡ଼ିକୁ ଖୋଲୁଛି। ଏହି ବେପରୁଆ କାର୍ଯ୍ୟ ଯୋଗୁଁ ନଦୀର ତଳମୁଣ୍ଡ ଅଞ୍ଚଳରେ ଜଳସ୍ତର ହଠାତ୍ ବୃଦ୍ଧି ପାଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏପରି ଦାୟିତ୍ୱହୀନ ଭାବେ ଗେଟ୍ ପରିଚାଳନା କରିବା ଯୋଗୁଁ କମ୍ପାନୀ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେ ନେଇ ସ୍ପଷ୍ଟୀକରଣ ମଗାଯାଇଛି । ପ୍ରବଳ ବନ୍ୟା *(ପୃଷ୍ଠା ୭ରେ)*

# ସରକାରୀ ସମ୍ପତ୍ତି କ୍ଷତି କରିଥିବା ଡ୍ରାଇଭରଙ୍କଠୁ କ୍ଷତି ଭରଣା କରାଯିବ : ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୨୦।୮**

**ନ୍ୟୁଜ୍ ବ୍ୟୁରୋ**

ବୁଧବାର ରାଜଧାନୀରେ ଅଟୋ ଡ୍ରାଇଭରମାନେ ଯେଉଁଭଳି ହିଂସାକାଣ୍ଡ ଭିଆଇଲେ ତାହା ଅମାନବୀୟ ଘଟଣା। ସେମାନେ ଆଇନକୁ ହାତକୁ ନେଇଛନ୍ତି। ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି। ସରକାରୀ ଗାଡି ଭାଙ୍ଗିଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି କୌଣସି ପରିସ୍ଥିତିରେ ସେମାନଙ୍କୁ କ୍ଷମା କରାଯିବ ନାହିଁ। ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ। ଏମିତି କି ଗୁଣ୍ଡାଗିରୀରେ ସାମିଲ ଥିବା ଅଟୋ ଚାଳକମାନେ କରିଥିବା ବେଆଇନ ଅଟୋ ଷ୍ଟାଣ୍ଡ ଭଙ୍ଗାଯିବ। ଏନେଇ



ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ସେମାନଙ୍କ ଦ୍ୱାରା ଯେଉଁ ସରକାରୀ ସମ୍ପତ୍ତିର କ୍ଷତି ହୋଇଛି ତାହାର ଭରଣା ସେମାନଙ୍କ ଠାରୁ ଆଦାୟ କରାଯିବ। ସରକାର ସାଧାରଣ ଲୋକଙ୍କ ସୁରକ୍ଷା ଦେବା ଦାୟିତ୍ୱ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ଅନଲାଇନ ଗାଡି ଚାଳକଙ୍କ ଆନ୍ଦୋଳନ ପ୍ରସଙ୍ଗରେ ଅତିରିକ୍ତ ପରିବହନ କମିଶନର ପ୍ରତିକ୍ରିୟା ରଖି କହିଛନ୍ତି *(ପୃଷ୍ଠା ୭ରେ)*

# ବନ୍ୟା ପ୍ରଭାବିତ ୪ ଜିଲ୍ଲାର ବିପନ୍ନଙ୍କୁ ମିଳିବ ଅତିରିକ୍ତ ରିଲିଫ୍ ଚାଉଳ

**ଭୁବନେଶ୍ୱର, ୨୦।୮**

**ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ବର୍ଷା ଓ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ତୁରନ୍ତ ଅତିରିକ୍ତ ରିଲିଫ୍ ଚାଉଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଲଗାଣ ବର୍ଷା ଯୋଗୁଁ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଏକାଧିକ ତଳିଆ ଗ୍ରାମ ପଞ୍ଚାୟତ ଓ ଗାଁ ଜଳମଗ୍ନ ହୋଇଥିଲା । ଅନେକ ଅଞ୍ଚଳର ଲୋକେ ଜଳବନ୍ଦୀ ହୋଇଥିବା ବେଳେ ଜନଜୀବନ ପ୍ରଭାବିତ ହୋଇଥିଲେ । ଏହା ସହିତ ସ୍ଥାନୀୟ ଅଞ୍ଚଳରେ ଖାଦ୍ୟ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।

ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ, ସ୍ଥିତି ସମୀକ୍ଷା ଓ ନିର୍ଦ୍ଦେଶ ଅନୁସାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଏବେ ସାମୂହିକ ରୋଷେଇ କେନ୍ଦ୍ର ଓ ଜରୁରୀକାଳୀନ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଜାରି ରହିଛି । ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଯୋଗାଣ ଏବଂ ଜଳବନ୍ଦୀ ଅଞ୍ଚଳରେ ଚାଉଳ ବଣ୍ଟନ ବନ୍ୟା ପରିସ୍ଥିତି ସୁଧୁରିବା ଓ ବିସ୍ଥାପିତ ପରିବାର ଗୁଡ଼ିକ ନିରାପଦରେ ଘରକୁ ଫେରିବା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ କୁହାଯାଇଛି।

ପ୍ରଭାବିତ ଲୋକଙ୍କ ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ ରିଲିଫ୍ ଚାଉଳର ତୁରନ୍ତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ପ୍ରତ୍ୟେକ ପ୍ରାପ୍ତବୟସ୍କଙ୍କ ପାଇଁ ଦୈନିକ *(ପୃଷ୍ଠା ୭ରେ)*





# ବାଦ୍ ପଡିଲେ ୨୪.୩୩ ଲକ୍ଷ ଭୋଟର !



**ଭୁବନେଶ୍ୱର, ୨୦।୮**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଜୀକରଣ ଓ ସଂଶୋଧନ ପାଇଁ ନିର୍ଦ୍ଧାରିତ ଦାବି ଓ ଆପତ୍ତି ଦାଖଲ ସମୟସୀମା ବୁଧବାର ସମାପ୍ତ ହୋଇଛି। ସେପ୍ଟେମ୍ବର ୧୭ ସୁଦ୍ଧା ନୋଟିସ୍ ପର୍ଯ୍ୟାୟ ସହ ସମସ୍ତ ଦାବି ଓ ଆପତ୍ତିର ଅନ୍ତିମ ଫଇସଲା କରାଯିବ। ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୨୦୨୬, ମେ’ ୧୫ ସୁଦ୍ଧା ରାଜ୍ୟର ମୋଟ ଭୋଟର୍ ସଂଖ୍ୟା ୩ କୋଟି ୩୪ ଲକ୍ଷ ୫ ହଜାର ୪୮୬ ଥିଲା। କିନ୍ତୁ, ଏବେ ସୁଦ୍ଧା ରାଜ୍ୟରେ ମୋଟ ୩ କୋଟି ୯ ଲକ୍ଷ ୭୧ ହଜାର ୯୪୧ଜଣ ଯୋଗ୍ୟ ଭୋଟର୍ ଚୂଡ଼ାନ୍ତ ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅର୍ଥାତ୍ ଅଦ୍ୟାବଧି ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରାୟ ୨୪ ଲକ୍ଷ ୩୩ ହଜାର ୫୪୫ ଭୋଟର୍ ତାଲିକାରୁ ବାଦ୍ ପଡ଼ିବେ ବୋଲି କୁହାଯାଉଛି। ତେବେ ଶୁଣାଣି ପ୍ରକ୍ରିୟା ଚାଲୁ ରହିଥିବାରୁ ଆଗକୁ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ବଢ଼ିପାରେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବୁଧବାର ଏହି ସୂଚନା ଦିଆଯାଇଛି।

ଆଜି ସୁଦ୍ଧା ମୋଟ ୫୮ଲକ୍ଷ ୩୬ହଜାର ୪୩୦ *(ପୃଷ୍ଠା ୭ରେ)*

# ପୁଣି ଦାନା ବାନ୍ଧିଲାଣି ଲଘୁଚାପ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୦।୮**

**ନ୍ୟୁଜ୍ ବ୍ୟୁରୋ**

ଅଗଷ୍ଟ ମାସରେ ଗଲାଣି ତିନି ତିନିଟି ଲଘୁଚାପ । ତେବେ ପୁଣି ଆସୁଛି ଆଉ ଏକ ଲଘୁଚାପ। ପାଣିପାଗ ବିଭାଗ ପକ୍ଷରୁ ଏପରି ସୂଚନା ମିଳିଛି। ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଗୋଟିଏ ଲଘୁଚାପ ଯାଇଥିବା ବେଳେ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଶୁକ୍ରବାର ଠାରୁ ବଢ଼ିବ ବର୍ଷାର ପରିମାଣ ।



୨୨ ତାରିଖରୁ ରାଜ୍ୟରେ ବୃଦ୍ଧି ପାଇବ ବର୍ଷାର ବିସ୍ତୃତି । ସେଥିପାଇଁ ବିଭିନ୍ନ ଅଞ୍ଚଳକୁ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଶୁକ୍ରବାର ପାଇଁ ୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ସେହିଭଳି ୨୨ରୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର ।

ଆସନ୍ତା ୨୩ ତାରିଖରେ ଅତି ପ୍ରବଳ ବର୍ଷା ହେବା ନେଇ ୨ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ମୟୂରଭଞ୍ଜ ଓ କେନ୍ଦୁଝରରେ ଅତି ପ୍ରବଳ ବର୍ଷା ହୋଇପାରେ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୧ ଅଗଷ୍ଟ ୨୦୨୬ ଶୁକ୍ରବାର





# ବିଡ଼ିଓଙ୍କୁ ଦୁର୍ବ୍ୟବହାର:ଅଧିକାରୀ ମହଲରେ ଅସନ୍ତୋଷ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକର ମହିଳା ବିଡିଓଙ୍କୁ ଜଣେ ନେତାଙ୍କ ଦୁର୍ବ୍ୟବହାର ଓ ବ୍ଲକ ପରିସରରେ ଅପ୍ରିତିକାର ପରିସ୍ଥିତି ସମ୍ପର୍କରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପାଟକୁରା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଡକ୍ଟର ରତିକାନ୍ତ କାନୁନ୍‌ଗୋ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଗତ ୧୪ ତାରିଖ ସମ୍ପୃକ୍ତ ନେତା ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ନିଜ ସମର୍ଥକଙ୍କ ସହ ପଶି ମହିଳା ବିଡିଓଙ୍କୁ ଦୁର୍ବ୍ୟବହାର କରିଥିବା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗତ କିଛିଦିନ ତଳେ ଏହି ନେତା ଗରଦପୁର ବିଡିଓଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ଗୋଟିଏ ପରେ ଗୋଟିଏ ଏଭଳି ବ୍ୟବହାର କରିବା ଫଳରେ ଜିଲ୍ଲାରେ କାର୍ଯ୍ୟରତ ଥିବା ବରିଷ୍ଠ ଅଧିକାରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଭଳି ପରିସ୍ଥିତିକୁ ରୋକିବା ପାଇଁ ନିୟମ ଲାଗୁ କରିବା ସହିତ ୪୮ ଘଣ୍ଟା ଭିତରେ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ନେତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାବି କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଡକ୍ଟର କାନୁନ୍‌ଗୋଙ୍କ ସହିତ ପୂର୍ବତନ ସରପଞ୍ଚ ତଥା ଜିଲ୍ଲା କଂଗ୍ରେସର ଉପସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ସୁଖଦାନନ୍ଦ ପ୍ରଧାନ, ଜୟଦେବ ପରିଡା, ରାଜୀବ ଲୋଚନ ମିଶ୍ର, ପ୍ରମୋଦ କୁମାର ରାଉତ, ଜ୍ୟୋତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ଦେଶର ଅଖଣ୍ଡତା, ଶାନ୍ତି ଓ ପ୍ରଗତି ବଜାୟ ରଖିବାକୁ ଆହ୍ୱାନ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗୋବରଘଟା ଗ୍ରାମପଞ୍ଚାୟତ ହାଟପଦା ନ୍ୟୁ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୬:୩୦ ମିନିଟ୍ ସମୟରେ କ୍ଲବର ସଭାପତି ଉତ୍ତମ କୁମାର ପ୍ରଧାନ, ଉପ ସଭାପତି ଗତିକୃଷ୍ଣ ଦଳାଇ, ସମ୍ପାଦକ ରାଜେଶ ରାୟ ତଥା କ୍ଲବର ସମସ୍ତ ସଦସ୍ୟ ଆଶ୍ରମର ସ୍କୁଲର ଛାତ୍ରଛାତ୍ରୀ, ଅଗ୍ରୱାଲ ସୀମାନ୍ତ ହାଇସ୍କୁଲ, କିଡ୍ସ ୱଣ୍ଡର ଲ୍ୟାଣ୍ଡ ସ୍କୁଲ, ସାଇ ଆଦର୍ଶ ଗ୍ଲୋବାଲ୍ ସ୍କୁଲ ମାନଙ୍କ ଦ୍ୱାରା ଏକ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ଏହାପରେ ସକାଳ ୬:୩୦ ଘଟିକା ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡଃ ଅନୁରୋଧ ଦାସ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦେଶର ଅଖଣ୍ଡତା, ଶାନ୍ତି ଓ ପ୍ରଗତି ପାଇଁ ନିଜ ନିଜର କର୍ତ୍ତବ୍ୟ ତଥା ତ୍ରିରଙ୍ଗାର ଗୌରବ ସଦା ସର୍ବଦା ଅକ୍ଷୁର୍ଣ୍ଣ ରହୁ ବୋଲି ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ପାଞ୍ଚଶହ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ ମାନେ ବିଭିନ୍ନ ନାଚ, ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବକ୍ତୃତା ମାଧ୍ୟମରେ ବୀର ଯୋଦ୍ଧାଙ୍କୁ ଶତ ଶତ ନମନ କରିବା ସହିତ ଶ୍ଳୋଗାନ ଦେଇଥିଲେ। ପରିଶେଷରେ ସଭାପତି ନିଜ ଅଭିଭାଷଣରେ ଏକ ମହତ୍ତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ଏକ ପ୍ରଗତିଶୀଳ ଦେଶରେ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷିତ ହେବା ଅତ୍ୟନ୍ତ ଆବଶ୍ୟକତା ରହିଛି ଓ ଭାରତମାତା ବିଶ୍ୱ ମଞ୍ଚରେ ଆହୁରି ଶକ୍ତିଶାଳୀ ସମୃଦ୍ଧ ରାଷ୍ଟ୍ର ଭାବେ ଆଗକୁ ବଢୁ ଏହାହିଁ ଆଜିର ଦିନରେ ଆମର ସଂକଳ୍ପ।

# ଫିଟ୍‌ନେସ୍ ଅବଧି ପରେ ଦୁଇ ଆମ୍ବୁଲାନ୍ସ ଅଫ୍ ରୁଟ୍:ରୋଗୀଙ୍କ ହଟହଟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ଅଜବ ବ୍ୟବସ୍ଥା। ଆମ୍ବୁଲାନ୍ସ ନାହିଁ। ହେଲେ ଆମ୍ବୁଲାନ୍ସ ଚଳାଇବାକୁ ଡ୍ରାଇଭର ଓ ହେଲ୍‌ପର୍ ଅଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯଦି ଏଭଳି ଅବସ୍ଥା, ତାହହେଲେ ଜିଲ୍ଲାର ଅନ୍ୟ ଚିକିତ୍ସାଳୟର ସ୍ଥିତି ଜାଣି ହେଉଛି। ହସ୍‌ପିଟାଲ୍‌ରେ ଥିବା ଦୁଇଟି ଆମ୍ବୁଲାନ୍ସର ଫିଟ୍‌ନେସ୍ ଅବଧି ସରିବା ପରେ ଆଉ ନବୀକରଣ ହୋଇପାରୁନାହିଁ। ଯାହାଫଳରେ ସେହି ଆମ୍ବୁଲାନ୍ସ ଚଳିତ ବର୍ଷ ଜାନୁଆରୀରୁ ଅଫ୍ ରୁଟ୍‌ରେ ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତ ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପର୍ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧୀନରେ ଥିବା ଆଡ୍‌ଭାନ୍‌ସଡ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଏବଂ ୧୦୮ ଆମ୍ବୁଲାନ୍ସରେ କାମଚଳା ଭାବେ ନିଯୁକ୍ତି ପାଇଛନ୍ତି। ସେପଟେ ରୋଗୀ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି। ସିଟି ହସ୍‌ପିଟାଲ୍‌ରୁ ଏମ୍‌କେସିଜି କିମ୍ବା ଅନ୍ୟ ଜାଗାକୁ ଯିବା ପାଇଁ ମଧ୍ୟ ସରକାରୀ ଆମ୍ବୁଲାନ୍ସ ମିଳୁନାହିଁ। ସବୁ ସମୟରେ ୧୦୮ ଆମ୍ବୁଲାନ୍ସ ମଧ୍ୟ ମିଳୁନାହିଁ। ଯାହାଫଳରେ ରୋଗୀ ଘରୋଇ ଆମ୍ବୁଲାନ୍ସ ନେଇ ଖର୍ଚ୍ଚାନ୍ତ ହେଉଛନ୍ତି। ସିଟି ହସ୍‌ପିଟାଲ୍‌କୁ ବ୍ରହ୍ମପୁର ସହ ଜିଲ୍ଲାର ବହୁ ଅଞ୍ଚଳରୁ ରୋଗୀ ଆସୁଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ପ୍ରତ୍ୟେକ ଦିନ ଆଉଟ୍‌ଡ଼ୋର୍‌କୁ ପ୍ରାୟ ୧୨ ଶହ ରୋଗୀ ଆସୁଛନ୍ତି। ଇନ୍‌ଡୋର୍‌ରେ ଚାରି ଶହ ରୋଗୀ ରହୁଛନ୍ତି। ଆବଶ୍ୟକସ୍ଥଳେ କିଛି ରୋଗୀଙ୍କୁ ଏମ୍‌କେସିଜି କିମ୍ବା କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି। ରୋଗୀଙ୍କ ସ୍ଥାନାନ୍ତର ପାଇଁ ସ୍ୱାସ୍ଥ୍ୟ ବିଭାଗ ଦୁଇଟି ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ଦୁଇ ଆମ୍ବୁଲାନ୍ସର ଫିଟ୍‌ନେସ୍ ସରିବା ପରେ ଚଳିତ ବର୍ଷ ଜାନୁଆରୀରୁ ତାହା ଅଫ୍‌ରୁଟ୍ କରାଯାଇଛି। ଗାଡ଼ିରେ ନିଯୋଜିତ ଥିବା ଡ୍ରାଇଭର ଓ ହେଲ୍‌ପର୍ କିଛି ମାସ ଅଫିସ୍ ଆସି ଖାଲିରେ ବସିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଏଏଲ୍‌ଏସ୍‌ରେ ନିଯୋଜିତ କରାଗଲା। କିନ୍ତୁ ସବୁବେଳେ ଏଏଲ୍‌ଏସ୍‌ର ଆବଶ୍ୟକ ରହୁନଥିବାରୁ ସେମାନଙ୍କୁ ପୁଣି ୧୦୮ରେ ନିଯୋଜିତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ନଥିବାରୁ ରୋଗୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭବାନୀ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଆମ୍ବୁଲାନ୍ସ ଅଫ୍ ରୁଟ୍ ହେବା ପରେ ନୂଆ ଆମ୍ବୁଲାନ୍ସ ଆଉ ଆସୁନାହିଁ। କିନ୍ତୁ ଆମ ପାଖରେ ଡ୍ରାଇଭର ଓ ହେଲ୍‌ପର୍ ଅଛନ୍ତି। ରୋଗୀ କଲ୍ୟାଣ ସମିତି ବୈଠକରେ ଏନେଇ ଆଲୋଚନା ହୋଇଥିଲା। ସେମାନଙ୍କୁ ୧୦୮ରେ ମଧ୍ୟ ନିଯୋଜିତ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂଆ ଆମ୍ବୁଲାନ୍ସ ଯୋଗାଇବା ପାଇଁ ବିଧାୟକମାନଙ୍କ ସହ ଯୋଗାଯୋଗ କରାଯାଉଛି। ବିଧାୟକ ହାତ ପାଣ୍ଠିରୁ ଆମ୍ବୁଲାନ୍ସ ଅଣାଯିବ ବୋଲି ସେ କହିଛନ୍ତି।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ଡାକ୍ତର ବାନାମ୍ବର ରାୟଙ୍କୁ 'ଅନରିଙ୍ଗ ଆୱାର ଗୁରୁ' ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ରିଟିକାଲ୍ କେୟାର୍ ମେଡିସିନ୍ କ୍ଷେତ୍ରରେ ଦୀର୍ଘ ପାଞ୍ଚ ଦଶନ୍ଧିର ଅବଦାନ ଓ ସେବା ପାଇଁ ସମ୍ ଅଲଟିମେଟ୍ ମେଡିକେୟାରର ସିନିୟର କନସଲଟାଣ୍ଟ (କ୍ରିଟିକାଲ୍ କେୟାର ମେଡିସିନ୍) ଡାକ୍ତର ବାନାମ୍ବର ରାୟଙ୍କୁ ସମ୍ମାନଜନକ 'ଅନରିଙ୍ଗ ଆୱାର ଗୁରୁ' ପୁରସ୍କାର ପ୍ରଦାନ କରାଯାଇଛି। ଅଗଷ୍ଟ ୮ ତାରିଖରେ ପୁଣେ ଠାରେ ଅନୁଷ୍ଠିତ ତୃତୀୟ ଇଣ୍ଟରନ୍ୟାସ୍‌ନାଲ୍ କ୍ରିଟିକାଲ୍ କେୟାର ନେଫ୍ରୋଲୋଜି ଆସୋସିଏସନ୍ (ସିସିଏନ୍ଏ) ସମ୍ମିଳନୀରେ ଡାକ୍ତର ରାୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଗୁରୁତର ଅସୁସ୍ଥ ରୋଗୀଙ୍କ ଚିକିତ୍ସା ଓ ଜୀବନ ରକ୍ଷା କ୍ଷେତ୍ରରେ ତାଙ୍କର ଦୀର୍ଘକାଳୀନ ସମର୍ପଣ ଓ ନିଷ୍ଠାକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନ ପାଇବା ପରେ ନିଜର ଅନୁଭୂତି ବ୍ୟକ୍ତ କରି ଡାକ୍ତର ରାୟ କହିଛନ୍ତି ଯେ ଯେଉଁ ସଂଗଠନ ସହିତ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ନଥିଲା, ସେହି ସଂଗଠନ ପକ୍ଷରୁ ଏଭଳି ସମ୍ମାନ ପାଇବା ତାଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଆଇସିୟୁରେ ଗୁରୁତର ରୋଗୀଙ୍କ



ଜୀବନ ରକ୍ଷା ପାଇଁ ତାଙ୍କର ଆଜୀବନ ସମର୍ପଣକୁ ସ୍ୱୀକୃତି ମିଳିଥିବାରୁ ସେ ଏହି ସମ୍ମାନକୁ ନମ୍ରତାର ସହ ଗ୍ରହଣ କରିଛନ୍ତି। 'ଯେଉଁ ସଂଗଠନ ସହିତ ମୋର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନଥିଲା, ସେହି ସଂଗଠନ ଠାରୁ ଏହି ସମ୍ମାନ ପାଇ ମୁଁ ଅତ୍ୟନ୍ତ ଗୌରବାନ୍ୱିତ। ଆଇସିୟୁରେ ରୋଗୀଙ୍କ ଜୀବନ ରକ୍ଷା ପାଇଁ ମୋର ଆଜୀବନ ସମର୍ପଣ ଓ ପ୍ରତିବଦ୍ଧତା ବିଷୟରେ ସେମାନେ ଜାଣିଥିବାରୁ ଏହି ସ୍ୱୀକୃତି ମୋ ପାଇଁ ଅତ୍ୟନ୍ତ ନମ୍ରତାର ବିଷୟ, ଡାକ୍ତର ରାୟ କହିଛନ୍ତି। ସେ ଏହି ସମ୍ମାନକୁ ତାଙ୍କର ପାଞ୍ଚ ଦଶନ୍ଧିର ସେବା ଯାତ୍ରାରେ ସାଥୀ ହୋଇଥିବା ଅସଂଖ୍ୟ ଡାକ୍ତର, ନର୍ସ, ପାରାମେଡିକ୍ସ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥାଙ୍କୁ ଉତ୍ସର୍ଗ କରିଛନ୍ତି। ଡାକ୍ତର ରାୟ ସମ୍ ଅଲଟିମେଟ୍ ମେଡିକେୟାର୍ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଅ) ଡିମ୍ଡ ଟୁ ବି ୟୁନିଭର୍ସିଟି ପକ୍ଷରୁ ମିଳିଥିବା ନିରନ୍ତର ସମର୍ଥନ ଓ ପ୍ରୋତ୍ସାହନ ପାଇଁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଗୁରୁତର ରୋଗୀଙ୍କୁ ସର୍ବୋତ୍ତମ ଚିକିତ୍ସା ପ୍ରଦାନ କରିବା ତାଙ୍କ ମିଶନ୍‌ରେ ଏହି ଦୁଇ ସଂସ୍ଥାର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। 'ସମ୍ ଅଲଟିମେଟ୍ ମେଡିକେୟାର ଏବଂ ସୋଆ ଡିମ୍ଡ ଟୁ ବି ୟୁନିଭର୍ସିଟି ମୋର ଏହି ମିଶନ୍‌ରେ ସର୍ବୋତ୍ତମ ପ୍ରୟାସ କରିବା ପାଇଁ ମୋତେ ସମସ୍ତ ପ୍ରକାରର ସମର୍ଥନ ଦେଇଛନ୍ତି। ତେଣୁ ଏହି ପୁରସ୍କାରରେ ମଧ୍ୟ ମୁଁ ସେମାନଙ୍କର ଅବଦାନର ଛାପ ଦେଖୁଛି ବୋଲି ସେ କହିଛନ୍ତି। ଏହି ଅନରିଙ୍ଗ ଆୱାର ଗୁରୁ ସମ୍ମାନ ଡାକ୍ତର ରାୟଙ୍କ ପାଞ୍ଚ ଦଶନ୍ଧିର କ୍ରିଟିକାଲ୍ କେୟାର ମେଡିସିନ୍ ବିଭାଗରେ ସେବା, ଜୀବନ ରକ୍ଷା ପ୍ରତି ଅତୁଟ ପ୍ରତିବଦ୍ଧତା ଏବଂ ଗୁରୁତର ରୋଗୀଙ୍କ ସେବା ପ୍ରତି ତାଙ୍କର ନିଷ୍ଠାର ଏକ ଗୌରବମୟ ସ୍ୱୀକୃତି।

# ଦୂହୁରିଆରେ ରେଳ ଷ୍ଟେସନ୍ ନିର୍ମାଣ ପାଇଁ ଓକିଲ ସଂଘର ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାରାଦୀପ-ହରିଦାସପୁର ରେଳପଥରେ କେନ୍ଦ୍ରାପଡା ରେଳ ଷ୍ଟେସନ୍ ସହରର ପ୍ରବେଶ ଦ୍ୱାର ଦୂହୁରିଆ ଠାରେ ପ୍ୟାସେଞ୍ଜର ହଲ୍ଟ ନିମନ୍ତେ ଯାତ୍ରୀଙ୍କ ସୁବିଧା ପାଇଁ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର ସଦସ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ହରିଦାସପୁର-ପାରାଦୀପର ଦ୍ୱିତୀୟ ରେଳପଥ ନିର୍ମାଣ ସମ୍ପର୍କରେ ଘୋଷଣା ହୋଇଥିବାରୁ ଏହାକୁ ଜିଲ୍ଲା ଓକିଲ ସଂଘ ତରଫରୁ ସ୍ୱାଗତ କରାଯାଇଛି। ଜନସାଧାରଣ ଓ ଯାତ୍ରୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ଓକିଲ ସଂଘର ସଭାପତି ରବିନାରାୟଣ ମହାନ୍ତି, ଉପସଭାପତି ନୃସିଂହ ଚରଣ ରାଉତ, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ସହ ସମ୍ପାଦକ ହରିପ୍ରସାଦ କର, ପ୍ରାର୍ଥ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ୟାସେଞ୍ଜର ହଲ୍ଟ ନିର୍ମାଣ ନିମନ୍ତେ କେନ୍ଦ୍ରାପଡାର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

# ରାମ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ଅକରପଡ଼ା ପଞ୍ଚାୟତ ସ୍ଥିତ ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଭେଲଙ୍ଗ ପରିସରରେ ଇକୋ କ୍ଲବ୍ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା ଏବଂ ବିଦ୍ୟାଳୟ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ତଥା ଆମ ଦୈନନ୍ଦିନ ଜୀବନରେ ସବୁଜ ପରିବେଶର ପ୍ରଭାବ ବିଷୟରେ ବାର୍ତ୍ତା ଦେଇଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ରଛାତ୍ରୀ ମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସାରାଣୀ ପହି, ଇକୋ କ୍ଲବ୍‌ର ଇନ୍‌ଚାର୍ଜ ଅନୁରାଧା ପହ୍ଲାର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କେଶବ ଚନ୍ଦ୍ର ସାହୁ, ଶୁଭ୍ରାଂଶୁ ଭୂଷଣ ନାୟକ, ମମତାମୟୀ ପଣ୍ଡା, ନିରୁପମା ସାହୁ, ପ୍ରିୟତମ କାଣ୍ଡି, ବିରଞ୍ଚି ନାରାୟଣ ମହଲା, ପ୍ରଫୁଲ୍ଲ କୁମାର ନାଥ, ଦିଲ୍ଲୀପ କୁମାର ପହ୍ଲାର, ଯଶୋବନ୍ତ ମନୋହରି, ସ୍ୱର୍ଣ୍ଣମଞ୍ଜରି ଦଳାଇ, ବିଷ୍ଣୁପ୍ରିୟା ସାହୁ, ଐଶ୍ୱର୍ଯ୍ୟା ଲକ୍ଷ୍ମୀ ବେହେରା, ଝରିଲତା ସାହୁ, ବସୁମତୀ ପଣ୍ଡା, ଅଭିଷେକ ଶତପଥୀ ଓ ଶିକ୍ଷା କର୍ମଚାରୀ ଜନ୍ମେଜୟ ସ୍ୱାଇଁ, ପ୍ରତାପ କୁମାର ସାହୁ, ସୋମନାଥ ସାହୁ, ଲକ୍ଷ୍ମୀପ୍ରିୟା ଜେନା ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।



# ଲିଙ୍ଗେଶ୍ୱର ବୋଲ୍‌ବମ୍ ସଂଘର ଧାର୍ମିକ ସମାରୋହ

**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଗୁଣୁପୁର ଶ୍ରୀ ଉମାରାମ ଲିଙ୍ଗେଶ୍ୱର ବୋଲ୍‌ବମ୍ ସଂଘ ପକ୍ଷରୁ ବୋଲ୍‌ବମ୍ ଯାତ୍ରା ଆରମ୍ଭର ୨୫ ବର୍ଷ ପୂର୍ତ୍ତି ଅବସରରେ ଏକ ବିଶାଳ ଧାର୍ମିକ ସମାରୋହ ଭକ୍ତି ଓ ଉତ୍ସାହର ସହ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ବୋଲ୍‌ବମ୍ ଭକ୍ତ ଓ କାଉଡ଼ିଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମିନଝୁଲା ଶୈବପୀଠର ବାବା ଶ୍ରୀ ଜନକାନନ୍ଦ ଗିରି, ଗୁଣୁପୁର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶିବ ମନ୍ଦିରର ପରିଚାଳକ ନଳିନୀ ମହାନ୍ତି, ଆଦିତ୍ୟ ବାହିନୀର ସଭାପତି ତ୍ରିପତି ମହାନ୍ତି ଓ ପୁରୋହିତ ସୁଦାମ ରଥ ଉପସ୍ଥିତ ରହି ସହର ପରିକ୍ରମାରେ ସାମିଲ ହୋଇଥିଲେ। କାଉଡ଼ିଆମାନେ ଭୂତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବଂଶଧାରା ନଦୀର ତ୍ରିବେଣି ସଙ୍ଗମରୁ ଜଳ ସଂଗ୍ରହ କରି ଗୁଣୁପୁର ସହର ପରିକ୍ରମା କରିଥିଲେ। ପରେ ସମସ୍ତେ ଉମାରାମ ଲିଙ୍ଗେଶ୍ୱର ମନ୍ଦିରରେ ପହଞ୍ଚି ମହାଦେବଙ୍କ ଉପରେ ପବିତ୍ର ଜଳ ଅର୍ପଣ କରିଥିଲେ। ହିନ୍ଦୁ ଧର୍ମର ଶୈବ ପରମ୍ପରା ଓ ଶୈବ ମାହାତ୍ମ୍ୟକୁ ଆଗକୁ ନେବା, ସତ୍ୟ ଓ ଅହିଂସାର ପଥରେ ଚାଲିବା ସହ ସମାଜରେ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ପାରଳାଖେମୁଣ୍ଡିରୁ ଆସିଥିବା କଳାକାରମାନେ ମନୋମୁଗ୍ଧକର ସଙ୍ଗୀତ ପରିବେଷଣ କରିଥିଲେ। ବିଶେଷକରି ଶିବ ଭଜନରେ ଶତାଧିକ ଭକ୍ତ ମନ୍ତ୍ରମୁଗ୍ଧ ହୋଇଥିଲେ। ଭକ୍ତିମୟ ସଙ୍ଗୀତରେ ସମଗ୍ର ପରିବେଶ ଶିବମୟ ହୋଇଉଠିଥିଲା। ଏହାସହ ଗୁଣୁପୁର ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ, ବୋଲ୍‌ବମ୍ କାଉଡ଼ିଆ ଓ ସହରବାସୀଙ୍କ ପାଇଁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅତ୍ୟନ୍ତ ଶୃଙ୍ଖଳିତ ଓ ସୁଚାରୁ ଭାବେ ପ୍ରସାଦ ସେବନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମଟି ଗୁଣୁପୁର ସହରର ଲାଉଡୁ ସ୍ୱାମୀ, କଟିକା ସାହିର ବୁଢ଼ା ଗୌଡ଼, ଗୌଡ଼ ସାହିର ଭୋଳା ମୋହାନକୁଡ଼ଙ୍କ ସମେତ ଅନ୍ୟାନ୍ୟ ବୋଲ୍‌ବମ୍ ଭକ୍ତଙ୍କ ତତ୍ତ୍ୱାବଧାନ ଓ ସହଯୋଗରେ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଶ୍ରୀ ଉମାରାମ ଲିଙ୍ଗେଶ୍ୱର ବୋଲ୍‌ବମ୍ ସଂଘର ୨୫ ବର୍ଷର ଧାର୍ମିକ ଯାତ୍ରାର ସ୍ମୃତିକୁ ଅମର କରିଥିବା ଏହି ବିଶାଳ ଆୟୋଜନ ଗୁଣୁପୁର ଅଞ୍ଚଳରେ ଶୈବ ଭକ୍ତି, ଭାଇଚାରା ଓ ସାମାଜିକ ଏକତାର ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି।



# ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ଓ ନିଷ୍ଠା ପରିବାର ପକ୍ଷରୁ ୫୯ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ସ୍ଥିତ ହାଟ ପଦା, ମନା ବନ୍ଧ ଠାରେ କଳିଙ୍ଗ ବୈଶ୍ୟ ସଂଘ ପେଣ୍ଟ ଘର ଠାରେ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ଓ ନିଷ୍ଠା ପରିବାର ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ସର୍ବମୋଟ୍ ୫୯ ୟୁନିଟ୍ ରକ୍ତ (୧୨ ଜଣ ମହିଳା ରକ୍ତ ଦାତା ରକ୍ତ ଦାନ) ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବା ଖବରପାଇ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ତୁରନ୍ତ ଏକ ରକ୍ତଦାନ ଶିବିର ଆୟୋଜନ କରି ସହଯୋଗର ହାତ ବଢ଼ାଇଥିଲେ। ଏହି ଶିବିରକୁ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ସଭାପତି ବିଜୟ ଲକ୍ଷ୍ମୀ ସୁବୁଦ୍ଧି, ସମ୍ପାଦକ ପୁନମ ପାତ୍ର, କୋଷାଧକ୍ଷ ସୁନୀତା ପାତ୍ର, ପ୍ରଭାତୀ ପାତ୍ର, ଉଷା ରାଣୀ ସୁବୁଦ୍ଧି, ମଞ୍ଜୁଶ୍ରୀ ପାତ୍ର, ସାଧନା ରାଣୀ ସୁବୁଦ୍ଧି, ରାଧିକା ପାତ୍ର, ପଲ୍ଲବୀ ପ୍ରିୟଦର୍ଶିନୀଙ୍କ ସହ ଅନ୍ୟ ସଦସ୍ୟାଙ୍କ ସହ କଳିଙ୍ଗ ବୈଶ୍ୟ ସଂଘର ସଭାପତି ପ୍ରଶାନ୍ତ ପାତ୍ର, ମନୋଜ ସୁବୁଦ୍ଧି, ଦେବେନ୍ଦ୍ର ପାତ୍ର, ମନୋଜ ପାତ୍ର, ଚନ୍ଦ୍ର ଶେଖର ପାତ୍ର, ରଞ୍ଜିତ ପାତ୍ର, ଧର୍ମେନ୍ଦ୍ର ପାତ୍ର ଧୀରଜ ପାତ୍ର, କାମଦେବ ପାତ୍ର, ରଞ୍ଜିବ ସୁବୁଦ୍ଧି, ଅଶୋକ ପାତ୍ର, ରଜତ ପାତ୍ର ଅନ୍ୟ ସଦସ୍ୟ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ପରିଶେଷରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବନ୍ୟାଞ୍ଚଳରେ ବିଧାୟକଙ୍କ ରିଲିଫ ବଣ୍ଟନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବୁଧବାର ସକାଳ ୧୦ ଟା ସମୟରେ କୋରେଇର ବିଧାୟକ ଆକାଶ ଦାସନାୟକ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ଗ୍ରାମପଞ୍ଚାୟତ, ଗନ୍ଧଣ ଗ୍ରାମପଞ୍ଚାୟତ, ଟିକରପଡା ଗ୍ରାମପଞ୍ଚାୟତରେ ଖରସ୍ରୋତା ନଦୀବନ୍ଧ ଭାଙ୍ଗି ସୃଷ୍ଟି ହୋଇଥିବା ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଅନ୍ୟାନ୍ୟ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ବିଧାୟକଙ୍କ ସହିତ ରସୁଲପୁର ବ୍ଲକ୍ ଉନ୍ନୟନ ଅଧିକାରୀ, କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରୀ, ରସୁଲପୁର ତହସିଲଦାର, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ, ଜଳସେଚନ ବିଭାଗର ଯନ୍ତ୍ରୀ, ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ଯୁବକ, ସ୍ଥାନୀୟ ବୁଦ୍ଧିଜୀବୀ, ଦଳୀୟ କର୍ମକର୍ତ୍ତା ଏହି ବନ୍ୟାଞ୍ଚଳ ପରିଦର୍ଶନରେ ଉପସ୍ଥିତ ରହିଥିଲେ। ବିଧାୟକଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ବୁଲି ଲୋକମାନଙ୍କର ସୁବିଧା ଅସୁବିଧା ଦେଖି ତାର ତୁରନ୍ତ ସମାଧାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜଳବନ୍ଦୀ ଗ୍ରାମ ଗୁଡିକରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାଣି ବୋତଲ ଘରେ ଘରେ ପହଞ୍ଚାଯାଇଛି। ଏହି ପରିପ୍ରେକ୍ଷୀରେ ବିଧାୟକ ପ୍ରଶାସନ ଅଧିକାରୀଙ୍କୁ ତୁରନ୍ତ କ୍ଷୟକ୍ଷତିର ନିରପେକ୍ଷ ତଦନ୍ତ କରି ସରକାରଙ୍କୁ ତାଲିକା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



# ବନ୍ୟା ସ୍ଥିତି ସମୀକ୍ଷା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଚଳିତ ବନ୍ୟାରେ ବ୍ରାହ୍ମଣୀ, ଖରାସ୍ରୋତା, କେଲୁଆ ଓ ବିରୂପା ଗେଙ୍ଗୁଟି ନଦୀରେ ବନ୍ୟା ଆସି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବ୍ୟାପକ କ୍ଷୟକ୍ଷତି ହୋଇଛି। ଧର୍ମଶାଳା ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପ୍ରକଳ୍ପ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଧର୍ମଶାଳା ବିଡିଓ ଜ୍ୟୋତ୍ରୀମୟ କର, ତହସିଲଦାର ସମୀର ରଞ୍ଜନ ଦାସ, ରସୁଲପୁର ବିଡ଼ିଓ ସତ୍ୟାନନ୍ଦ ଦାସ, ତହସିଲଦାର ସିଦ୍ଧାର୍ଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟାରେ କ୍ଷୟକ୍ଷତି ସଠିକ୍ ଆକଳନ କରିବା, କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ, ରାସ୍ତାଘାଟ ମରାମତି ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ଏହି ସମୀକ୍ଷା ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ବିଧାୟକ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ।

# ବାଇକ୍ ଦୁର୍ଘଟଣାରେ ପୋଲିସ କନେଷ୍ଟବଲ ମୃତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପେଣକାମ ଗ୍ରାମ ମୁଖ୍ୟ ରାସ୍ତାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାଫଳରେ ଜଣେ କନେଷ୍ଟବଲଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ କନେଷ୍ଟବଲ ଜଣଙ୍କ ହେଉଛନ୍ତି କିଶୋର କୁମାର ପତି। କିଶୋରଙ୍କ ଘର ରାୟଗଡା ସଦର ରୟତ କଲୋନୀରେ ବୋଲି ଜଣାପଡିଛି। ସେ ରାୟଗଡା ଥାନା ଅନ୍ତର୍ଗତ କୁମ୍ଭିକୋଟା ଫାଣ୍ଡିରେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାଇ, ରାୟଗଡା ସଦର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ଆରଡିସି ଅଧ୍ୟକ୍ଷତାରେ କଂସାରିଗୁଡା ପ୍ରକଳ୍ପର ପଞ୍ଚମ ଆର୍‌ପିଡିଏସ୍ ବୈଠକ ଅନୁଷ୍ଠିତ ହୋଇଥିଲା। ତେଣୁ ସହରରେ ସୁରକ୍ଷା ଦୃଷ୍ଟି କୋଣରୁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ପୋଲିସ କର୍ମୀଙ୍କୁ ମୁତୟନ କରାଯାଇଥିଲା। ଏହି କ୍ରମରେ କିଶୋର ମଧ୍ୟ ଆଇସିଡିଏସ୍ ଛକରେ ମୁତୟନ ହୋଇଥିଲେ। କିଶୋର ଡ୍ୟୁଟି ସାରି ତାଙ୍କର ସ୍ତ୍ରୀ ପିଲାମାନଙ୍କୁ ଭେଟିବା ପାଇଁ ଗୁଣପୁର ବୁଲେଟ୍‌ରେ ଯାଉଥିବା ବେଳେ ଗୋଟିଏ ଛିଡା ହୋଇଥିବା ଅଟୋ ସହ ଧକ୍କା ହୋଇଥିଲା। ରାମନାଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାମନାଗୁଡା ପୋଲିସ ଘଟଣାର ତଦନ୍ତ କରୁଛି।



# ଭାରତ ବିକାଶ ପରିଷଦ ପକ୍ଷରୁ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭାରତ ବିକାଶ ପରିଷଦ ସୋନପୁର ଶାଖାର ପର୍ଯ୍ୟାବରଣ ପ୍ରମୁଖ ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଓ ଓଡ଼ିଶା ପଶ୍ଚିମ ପ୍ରାନ୍ତ ମହାସଚିବ ଦୁର୍ଯ୍ୟୋଧନ ସାହୁଙ୍କ ମାର୍ଗ ଦର୍ଶନରେ ତଥା ଶାଖାର ସମସ୍ତ ସକ୍ରିୟ ସଦସ୍ୟ/ସଦସ୍ୟା ଓ ମହିଳା କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀଙ୍କ ସହଯୋଗରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ନୂଆ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏକ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ସୋନପୁର ରେଞ୍ଜର ସୁଭାଷ ଚନ୍ଦ୍ର ମହାପାତ୍ର, କଲେଜ୍ ଅଧକ୍ଷା ରୀତା ରାଣୀ ପୂଝାରୀ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସୋନପୁର ରେଞ୍ଜ ଅଫିସର ଶ୍ରୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୦ ଗୋଟି ବିଭିନ୍ନ ପ୍ରକାରର ବୃକ୍ଷ ଯଥା ଆମ୍ବ, ପଣସ, ଜାମୁ, ଓଉ, କୃଷ୍ଣଚୂଡ଼ା, ପିଜୁଳି, ଅଁଳା, ଲେମ୍ବୁ ଇତ୍ୟାଦି ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ମହାବିଦ୍ୟାଳୟର ପ୍ରାୟ ଶହ ଶହ ଛାତ୍ରୀ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ମହାବିଦ୍ୟାଳୟ ପରିସରକୁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସଂକଳ୍ପ ନେଇଥିଲେ। ଆଗାମି ଦିନରେ ଏହି ଅନୁଷ୍ଠାନ ତଥା ସହରର ବିଭିନ୍ନ ଜାଗାରେ ଏଭଳି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଭାରତ ବିକାଶ ପରିଷଦର କୋଷାଧ୍ୟକ୍ଷ ସୁନନ୍ଦା ସାହୁ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ମଦନ ସୁନ୍ଦର ଖେତି ଏହି ପରିବେଶ ସଚେତନତା ସଭାକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ତଥା ଭାରତ ବିକାଶ ପରିଷଦ ଉପଦେଷ୍ଟା କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ରୀତାରାଣୀ ପୂଜାରୀ, ଅଧ୍ୟାପକ କ୍ଷୀରୋଦ ମେହେର, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମନୋରଞ୍ଜନ ତ୍ରିପାଠୀ ଛାତ୍ରୀମାନଙ୍କୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଉତ୍ସାହିତ କରିଥିଲେ।

# ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍, ଓଡ଼ିଶାର ଯୌଥ ଆନୁକୂଲ୍ୟରେ ଓଡ଼ିଶାରେ ପରିବାର ଭିତ୍ତିକ ଯତ୍ନ ଏବଂ ଶିଶୁମାନଙ୍କ ପରିବାର ଠାରୁ ବିଚ୍ଛିନ୍ନତା ନିବାରଣ ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସ୍ତରୀୟ ପରାମର୍ଶ ବୈଠକ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ସହ ସେମାନଙ୍କୁ ଆଶ୍ରମ କିମ୍ବା ଅନୁଷ୍ଠାନ ଅପେକ୍ଷା ନିଜ ପରିବାର ଓ ସାମାଜିକ ପରିବେଶ ମଧ୍ୟରେ ସୁରକ୍ଷିତ ଭାବେ ବଢ଼ିବାର ସୁଯୋଗ ସୃଷ୍ଟି କରିବା। ଏହି ସମ୍ମିଳନୀରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ରୋ, ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଲିପି ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାଏକ ଏବଂ ୟୁନିସେଫ୍ ପ୍ରତିନିଧି ଘାସିରାମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ବୈଠକରେ ଯୋଗଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର କହିଲେ ଶିଶୁର ସର୍ବାଙ୍ଗୀନ ବିକାଶ ଓ ମାନସିକ ସୁରକ୍ଷା ପାଇଁ ଗୋଟିଏ



ପରିବାରର ସ୍ନେହ ଓ ଶ୍ରଦ୍ଧା ଅପରିହାର୍ଯ୍ୟ। କୌଣସି ଅନାଥ ଆଶ୍ରମ କିମ୍ବା ଅନୁଷ୍ଠାନ ଗୋଟିଏ ପରିବାରର ବିକଳ୍ପ ହୋଇପାରିବନାହିଁ। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି କୌଣସି ବି ଶିଶୁ ଯେପରି ଗରିବି, ଆର୍ଥିକ ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁ ନିଜ ପରିବାର ଠାରୁ ବିଚ୍ଛିନ୍ନ ନହୁଅନ୍ତି। ଫୋଷ୍ଟର କେୟାର ଏବଂ ପୃଷ୍ଠପୋଷାକତା ସହାୟତା ମାଧ୍ୟମରେ ପ୍ରତ୍ୟେକ ବିପନ୍ନ ଶିଶୁଙ୍କୁ ପରିବାର ପରିବେଶ ମଧ୍ୟରେ ବଢ଼ିବାର ସୁଯୋଗ ଯୋଗାଇ ଦିଆଯିବ। ଉକ୍ତ ବୈଠକରେ ଯୋଗଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ କହିଲେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବାକୁ ହେବ। ଗ୍ରାମାଞ୍ଚଳରେ ଥିବା ଶିଶୁ ସୁରକ୍ଷା କମିଟିଗୁଡ଼ିକୁ ସକ୍ରିୟ କରାଯିବା ସହ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଏବଂ ବାଲ୍ୟ ବିବାହ ଭଳି କୁପ୍ରଥା ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ପରିବାର ହେଉଛି ଶିଶୁ ସୁରକ୍ଷା ଓ ବିକାଶର ମୁଖ୍ୟ କେନ୍ଦ୍ରବିନ୍ଦୁ ୪ଟି ଜିଲ୍ଲାର କର୍ମକର୍ତ୍ତାମାନେ ସମନ୍ୱୟ ରଖି କାର୍ଯ୍ୟ କଲେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ସମାଜ ଗଢ଼ାଯାଇପାରିବ। ଉକ୍ତ ବୈଠକରେ ଯୋଗଦେଇ ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଲିପା ମହାନ୍ତି କହିଲେ ଆଇନ୍‌ଗତ ସୁରକ୍ଷା ଓ ଅଧିକାର ପାଇବାରେ କୌଣସି ବି ଶିଶୁ ଯେପରି ବଞ୍ଚିତ ନହୁଅନ୍ତି, ସେଥିପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଦାସର୍ବଦା ପ୍ରସ୍ତୁତ ରହିଛି। ଅନେକ ସମୟରେ ପାରିବାରିକ ଆର୍ଥିକ ଅନାଟନ, ସାମାଜିକ ସଂକଟ କିମ୍ବା ଶୋଷଣର ଶିକାର ହୋଇ ଶିଶୁମାନେ ନିଜ ପରିବାର ଠାରୁ ଅଲଗା ହୋଇଯାଆନ୍ତି। ଏହିଭଳି ସଂକଟାପନ୍ନ ସ୍ଥିତିରେ ଥିବା ଶିଶୁ ଓ ସେମାନଙ୍କ ପରିବାରକୁ ତୁରନ୍ତ ମାଗଣା ଆଇନ୍‌ଗତ ସହାୟତା, ଆଇନ୍‌ଗତ ପରାମର୍ଶ ଏବଂ ନ୍ୟାୟ ଯୋଗାଇଦେବା ଆମର ପ୍ରାଥମିକ ଦାୟିତ୍ୱ। ଏହାଛଡ଼ା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଭଳି ଅପରାଧ ରୋକିବା ପାଇଁ ସମାଜର ତୃଣମୂଳ ସ୍ତରରେ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି। ଉକ୍ତ ବୈଠକରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କହିଲେ ଯାଜପୁର ଜିଲ୍ଲାରେ ଏହି ଆଞ୍ଚଳିକ ବୈଠକ ଆୟୋଜିତ ହୋଇଥିବାରୁ ଆମେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍‌କୁ ଧନ୍ୟବାଦ ଜଣାଉଛୁ। ଜିଲ୍ଲା ପ୍ରଶାସନ ଶିଶୁମାନଙ୍କ ସୁରକ୍ଷା ଓ ଅଧିକାର ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ପରିବାର ସଶକ୍ତିକରଣ ଏବଂ ସୁଦୃଢ଼ୀକରଣ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ବିଭିନ୍ନ ଯୋଜନାରେ ପରିବାରକୁ ଅନ୍ତର୍ଭୁକ୍ତ କଲେ ଯାଇ ଶିଶୁ ସୁରକ୍ଷା ସୁନିଶ୍ଚିତ କରିପାରିବା। ଶିଶୁ ସୁରକ୍ଷା ଯୋଜନାଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଅଧିକ କ୍ରିୟାଶୀଳ କରାଯିବ। ଉକ୍ତ ବୈଠକରେ ଯୋଗଦେଇ ୟୁନିସେଫ୍ ପ୍ରତିନିଧି ଘାସିରାମ ପଣ୍ଡା କହିଲେ ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ୟୁନିସେଫ୍ ସବୁବେଳେ ରାଜ୍ୟ ସରକାର ଓ ଆୟୋଗଙ୍କ ସହ ମିଶି କାର୍ଯ୍ୟ କରିଆସୁଛି। ଆମର ପ୍ରାଥମିକତା ହେଉଛି ଶିଶୁମାନଙ୍କୁ ଅନୁଷ୍ଠାନଗତ ଯତ୍ନରୁ ମୁକ୍ତ କରି ପାରିବାରିକ ଯତ୍ନ ମଧ୍ୟରେ ଆଣିବା। ବୈଠକରେ ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ-ଏହି ୪ଟି ଜିଲ୍ଲାରୁ ଆସିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା, ଶିଶୁ ମଙ୍ଗଳ କମିଟିର ସଦସ୍ୟ ଏବଂ ଆଇନ୍ ବିଶେଷଜ୍ଞମାନେ ବ୍ୟାପକ ଆଲୋଚନାରେ ଭାଗ ନେଇଥିଲେ। ବକ୍ତାମାନେ ମତ ରଖିଥିଲେ ଯେ, କୌଣସି ବି ଶିଶୁ ପାଇଁ ସେମାନଙ୍କ ପରିବାର ହିଁ ସବୁଠାରୁ ସୁରକ୍ଷିତ ଓ ଶ୍ରେଷ୍ଠ ସ୍ଥାନ। ଶିଶୁଟିଏ ଯେପରି ଗରିବୀ, ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁ ନିଜ ପରିବାର ଠାରୁ ବିଚ୍ଛିନ୍ନ ନହୁଏ, ସେଥିପାଇଁ ବିଭିନ୍ନ ସରକାରୀ ଯୋଜନା ଓ ସାମାଜିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଦିବ୍ୟାଭୂଷଣ ମହାନ୍ତି ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ଯଜପୁର, ୟୁନିସେଫ ପରାମର୍ଶଦାତା ଅଙ୍କିତ କୁମାର କେଶରୀ, ହୋପ ଓ ହୋମର ଜାତୀୟ ପ୍ରମୁଖ ସଚିନ କୁମାର, ୟୁନିସେଫର ଶକୁନ୍ତଳା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରର ତପନ କୁମାର ପତ୍ର ଓ ଅର୍ଚ୍ଚନା କୁମାରୀ ସାମନ୍ତ, ସରୋଜ କୁମାର ସାହୁ, କାଳୀ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୁଠାଏ ମୂର୍ଚ୍ଛନା

ଦେବାଶିଷ ଚକ୍ରବର୍ତ୍ତୀ

**ବିପଦ**

ଘରପୋଡ଼ି, ବଢ଼ି, ମରୁଡ଼ିକୁ ସିନା
ମଣନ୍ତି ସଭିଏଁ ବିପଦ ବୋଲି
ମଣିଷପଣର ଅବକ୍ଷୟ କିନ୍ତୁ
ନୁହେଁ କି ବିପଦ ସବୁଠୁ ବଳି ?

**ପ୍ରାପ୍ତି**

ଅସଲ ସୁଖକୁ ପାଇବା ପାଇଁ କି
ଲୋଡ଼ା ହୁଏ ନାହିଁ ଅତୁଳ ଧନ
ମିଳିଥାଏ ତାକୁ ରହିଛି ଯାହାର
ସରଳ ହୃଦୟ ସ୍ୱଚ୍ଛ ମନ ।

**ପ୍ରହସନ**

ଜୀବନରେ ଯଦି ଦେବାକୁ ଚାହୁଁଛ
କାହାରିକୁ ତୁମେ ଶୁଭ କାମନା
ପ୍ରହସନ ତାହା ହେବନି କି କଲେ
ଆପଣାପଣକୁ ଅବମାନନା ?

**ସନ୍ଥ**

ପର ଉପକାର ସାଧିଥାଏ ଯିଏ
ପରିସ୍ଥିତି ହେଲେ ବି ବିପରୀତ
ବିଚାର କରିଲେ ତିନି ଭୁବନରେ
ତାହାଠାରୁ ବଳି ଅଛି କେ ସନ୍ଥ ?

**ସାର୍ଥକ**

ପାଇବାର ଆଶା ନରଖି ବି ତିଳେ
ବିତରଇ ଯିଏ ମଣିଷପଣ
ବିଚାର କରିଲେ ମଣିଷ ଭାବରେ
ସାର୍ଥକ ନୁହେଁ କି ତାର ଜନମ ?




ମଣ୍ଡୁଆ, କେନ୍ଦୁଝର ଗଡ
ମୋ - ୯୪୩୭୭୫୨୩୯୫


## ନୀଳ ସାଗର

ପ୍ରଣୀତା ମିଶ୍ର

ଡୁବି ଯାଉଥିଲେ ରବି
ଦୂର ଦିଗବଳୟରେ
ଯେଉଁଠି ମିଶିଯାଉଥିଲେ
ଆକାଶ ଓ ସାଗର
ପରସ୍ପରକୁ ଆଲିଙ୍ଗନ କରି।

ଉଡିଯାଉଥିଲେ ବିହଙ୍ଗମ
ନୀଡ଼କୁ ବାହୁଡ଼ି
ଟପ୍ କରି ଜଳରେ ଝାସ ଦେଇ
ମାଛରଙ୍କା ଧରୁଥିଲା ମୀନ
ରକ୍ତିମ କିରଣ ବିଞ୍ଚିପଡ଼ିଥିଲା
ସାଗର ଢେଉରେ
ନାଚୁଥିଲା ନୀଳଉର୍ମି
ସଦ୍ୟସ୍ନାତା ବଧୂଟିଏ ପରି
ରକ୍ତବର୍ଣ୍ଣ ସିନ୍ଦୂରର ଟୋପା
ମଥାପରେ ଧରି ।

ଲମ୍ଫ ମାରୁଥିଲା ଜଳଧି
ଭିଜାଇ ଦେଉଥିଲା ବେଳାଭୂମି
ଉସାଇ ନେଉଥିଲା ବାଲିଘର
ମନ ଫେରିଯାଉଥିଲା ଅତୀତକୁ
ଖୋଜୁଥିଲା ସ୍ମୃତି ପୁରୁଣା ପୃଷ୍ଠାର ।

ଅଚାନକ ଭାସି ଆସିଲା
କଳା ମେଘଖଣ୍ଡେ
ଝରିଗଲା ବାରିଦର ଧାର
ଭିଜୁଥିଲା ମନ ଓ ନୟନ
ଦିନେ ବି ଥିଲା ସାକ୍ଷୀ ଏ ସାଗର
ନବ ଉନ୍ମାଦନା ଭରା ଯୁବା ବୟସର।

ରଙ୍ଗୀନ ଜୀବନର ଛବି
ସ୍ୱପ୍ନ ଭରା ମାଦକତା
ଯାଇଛି କେବେ ଠୁଁ ହଜି
ଜହ୍ନ ତାରା ଶୀତଳ ସମୀରେ
ରାତ୍ରିର ଅସହାୟପଣରେ
ଆଜି ବି ଉଜ୍ଜୀବିତ ହୃଦୟ କୋଣରେ।



ସ୍ୱପ୍ନ ସବୁ ପରାହତ
ଅଧାଗଢ଼ା ବାଲିଘର ପରି
ଆଦ୍ୟ ଯୌବନର ଅଲେଖା ସେ ଫର୍ଦ୍ଦ
ମାଳ ମାଳ ପ୍ରତିଶ୍ରୁତି
ଭାସେ ଆଜି ଭିଜା ପଲକରେ
ବିଳପେ ହୃଦୟ ତନ୍ତ୍ରୀ
ମନ ଖୋଜୁଥାଏ କିଛି
ନୀଳ ସାଗର ଢେଉରେ।


ଭୁବନେଶ୍ୱର


## ଅସ୍ଥି

ଡ. ଦୀପକ କୁମାର ମିଶ୍ର

ସମସ୍ତେ ଖୋଜୁଥିଲେ ଅସ୍ଥି -
ହାତର, ଗୋଡ଼ର, ମେରୁଦଣ୍ଡର
ହେଲେ ମୁଁ ଖୋଜୁଥିଲି
ଖାଣ୍ଟି ହୃଦୟର କୋମଳ ଅସ୍ଥି
ଖଣ୍ଡିକ, ଅସ୍ତିତ୍ୱର ।

କିଏ କହିଲା ଯେ ହୃଦୟରେ
ଅସ୍ଥି ନଥାଏ
ସମଗ୍ର ସଂସାରର ସ୍ଥାୟିତ୍ୱକୁ
କାନ୍ଧରେ କାନ୍ଧେଇ
ମୁଣ୍ଡରେ ମୁଣ୍ଡେଇ
ଚାଲିଲାବେଳେ
ଯେଉଁ ନରମ ହାଡ଼ରେ
ଟଣାହୁଏ ଜଞ୍ଜାଳର ଶିକା
ଯାହାର ଅସ୍ଥିତ୍ୱହୀନ ସୁଦୃଢ଼
ସ୍ଥିତିରେ
ଟଳିଯାଏ ଜୀବନର ଝଞ୍ଜା
ମୁଁ ଖୋଜୁଥିଲି ସେହି
ପୋଡ଼ାହାଡ଼ର ଅବସ୍ଥିତିକୁ ।

ଇଞ୍ଜାରିଲି ପାଉଁଶ, ସାରାଂଶ,
ଉପସଂହାର
ହେଲେ ପାଉନଥିଲି ସେ ସୃଷ୍ଟି
ସଞ୍ଜିବନୀ
ବତୁରା ଗପର ବଇଁଶୀ
ନାଡ଼ି ନିଶ୍ୱାସକୁ ଢେରା
ଦେଉଥିବା ଶକ୍ତିଶାଳୀ ହୃଦହାଡ଼ଟିକୁ
ଯିଏ ଏକସାଙ୍ଗରେ ସମ୍ଭାଳୁଥିଲା
ନିବିଡ଼ ଆଲିଙ୍ଗନ ଓ
ଆତ୍ମଶୋଧନର
ବିସ୍ମୟକର ଜଞ୍ଜାଳ ଜ୍ୱାଳାକୁ ।

ସେ ଅସ୍ଥିରେ ଥିଲା ଅମୃତ,
ଆଶ୍ୱାସନା, ଅମରତ୍ୱ
ନଛୋଡ଼ବନ୍ଧା ବନ୍ଧନମାନଙ୍କୁ
ବନ୍ଦନା କରି

ଗୃହସ୍ଥ ଚଳେଇବାର ଚଳମାନ
ଧୈର୍ଯ୍ୟ ।

ଶେଷରେ ସବୁ ବଳକା
ପାଉଁଶଗୁଡ଼ିକୁ ଛାଣିଲି ପାଣିରେ
ଛାଙ୍କିଲି ଶଙ୍କିତ ସଂଶୟର
ଅପସବ୍ୟ ହାତରେ
ପାଇଲିନି କିଛି
ପାଣି ଚବଚବ ଭିତରେ
ହାତରେ ଲାଗିଲା ଗୋଟେ
ଅଦୃଶ୍ୟ ଅସ୍ଥିକଣ୍ଟାର ସ୍ପର୍ଶ
ଯିଏ ଘୋରିସାରିଥିଲା ସମୟ
ଦାଢ଼ରେ
ନିଜର ମୁନ, ମାନ, ଧନ,
ଅଭିମାନ ।




ଭୁବନେଶ୍ୱର
୮୨୮୦୨୧୧୦୦୦


## !! ପାର୍ବଣ ପାର୍ବଣ ବାସିଲାଣି !!

କୈଳାସ ଚନ୍ଦ୍ର ସାହାଣୀ

ଏବେଠୁ ଶରତ ଆସିଲାଣି ଦେଖ
କାଶତଣ୍ଡୀ ଫୁଲ ଫୁଟିଲାଣି ,
ଶ୍ରାବଣ ଯାଇନି ଫେରିନି ବରଷା
ପାର୍ବଣ ପାର୍ବଣ ବାସିଲାଣି ।

ଶିବ ମଥାପରେ ଜଳ ଢାଳି ଭକ୍ତ
ବୋଲ ବମ୍ ଗୀତ ଗାଇଲାଣି,
ଭକ୍ତି ଭାବ ଏବେ ଆମୋଦ ପ୍ରମୋଦ
କାଉଡିଆ ଭକ୍ତ ମାତିଲେଣି ।

ପ୍ରଭୁ ଗଜାନନ ଆବାହନ ହେବେ
ଚାଟ ମନେ ଭକ୍ତି ଆସିଲାଣି,
ବିଦ୍ୟାଳୟ ସବୁ ଶୁଦ୍ଧ ପୂତ ହେବ
ତିଥି ବାର କିଏ ଗଣିଲାଣି !

ଭାଲୁକୁଣି ଓଷା ଭାଦ୍ରବ ମାସରେ
କୁମାରୀଏ ସଜ ହୋଇଲେଣି ,
ମାଆ ମଙ୍ଗଳାଙ୍କ ପୂଜା କଲାବେଳେ
ତଅପୋଇ ଦୁଃଖ ଗାଇଲାଣି ।

ବିଶ୍ୱକର୍ମା ପୂଜା ଆୟୋଜନ ହେବ
ଶିଳ୍ପୀ କାରିଗର ଭାଳିଲେଣି,
କଳ କାରଖାନା ଦୁଲୁକି ଉଠିବ
ଅଗ୍ରିମ ବଇନା ହୋଇଲାଣି ।

ମାଆ ଦଶଭୂଜା ଆବିର୍ଭୂତା ହେବେ
ଏବେ ଠାରୁ ମଞ୍ଚ ବାନ୍ଧିଲେଣି ,
ପତିତା ଅଗଣା ମାଟି ଆଣିବାକୁ
ଆୟୋଜକ ସଜ ହୋଇଲେଣି ।

ସାଗର ଦୁଲଣୀ ବିଷ୍ଣୁ ପାଟରାଣୀ
ଆସିବାକୁ ସଜ ହୋଇଲେଣି ,
ସନ୍ତାନ ବତ୍ସଳା ଜଗତ ଜନନୀ
ହୁଳହୁଳି ଶଙ୍ଖ ଶୁଭିଲାଣି ।

ପାର୍ବଣର ଶେଷ ଯାମିନୀରେ ବିଜେ
ମହାକାଳୀ ପାଦ ଶୁଭିଲାଣି ,
କଟୀ ତଟେ ମୁଣ୍ଡମାଳ ଘେରା ରୂପ
ତିମିର ବିନାଶୀ ଆସିଲେଣି ।

ପ୍ରକୃତିର ଚାରୁ ରୂପର ସମ୍ଭାର
ଆବିଳତା ଦୂର ହୋଇଲାଣି ,
ନୀଳ ଆକାଶରେ ଭସା ମେଘ ଖଣ୍ଡ
ବୋଇତର ଭ୍ରାନ୍ତି ଦିଶିଲେଣି ।

ପ୍ରକୃତିର ଅଭିନବ ଅଭିନୟ
ବସୁନ୍ଧରା ମଞ୍ଚ ସାଜିଲାଣି ,
ଦୁଃଖ ପରେ ସୁଖ ଆସଇ ଜଗତେ
ଚଷା ଭାଇ ଗୀତ ଗାଇଲାଣି !!




ଲକ୍ଷ୍ମୀନଗର, ମାଟକାମବେଡା,
ବଡବିଲ,
କେନ୍ଦୁଝର
ପିନ୍-୭୫୮୦୩୬
ମୋ-୯୪୩୭୮୪୩୨୧୯


## ପୋଡ଼ା ତିଅଣର କଥା

ସିଦ୍ଧେଶ୍ୱର ତ୍ରିପାଠୀ

ସେ ପ୍ରେମର ମନ୍ଦିର ତୋଳିଥିଲେ
ସେ ତାଙ୍କ ଇଚ୍ଛାରେ ସେ ମନ୍ଦିରକୁ
ଭାଙ୍ଗିଦେଇଗଲେ
ଗଲାବେଳେ କହିଦେଇଗଲେ
ଏଗୁଡାକ ଯାହା ସବୁ ମିଛ ଗାଥା
ଭୁଲିଯାଅ ସବୁ ପଛ କଥା ।

ସେ ତାଙ୍କ ନୂଆ ଠିକଣାରେ
ବହୁତ ଖୁସିରେ
ଇଆଡ଼କୁ ଏବେ ଏବେ
ଢଳେ ବୋଧେ ମନ
ବ୍ଲକ ବି ଅନବ୍ଲକ ହୁଏ
ବାର୍ତ୍ତା ଆସେ କେମିତିକା
ଅଛ କୁହ ଧନ ।

କେବେ ଥରେ ତୁମଘର ଆଡେ
ଆମେ ସବୁ ମିଶିକରି ଯିବୁ
ତୁମକୁ ଭେଟିବୁ
ମନଖୋଲା କଥା ପଦେ ହେବୁ ।

ଆସିଲେ ବା କଣ ଦେଖିବ
ଦେଖି ପାରିବ ମୋ ଚେହେରାକୁ
ମୋ ଘରକୁ ମୋ ପରିବାରକୁ
ମୋ ଗାଁର ପରିବେଶକୁ

ହେଲେ ତୁମେତ ଦେଖି ପାରିବନି
ମୋ ଆଖି ତଳେ ଆଖିଏ
ଅଧୁରା ସ୍ୱପ୍ନକୁ
ମୋ କୁହୁଳା ମନକୁ
ଲୁହ ଭିଜା କବିତାଖାତାକୁ
ଆଜିବି ସାଇତା ହୋଇ ଥୁଆ ହୋଇଥିବା
ତୁମର ସେ ମିଛ ଉପହାରକୁ

ତୁମେ ପଚାରି ପାରିବନି
ମୋ ଗାଁ ନଈକୁ ପୋଖରୀ ତୁଠକୁ
ଗ୍ରାମ ଦେବତୀଙ୍କୁ
ମାଟି ଗୋଡି ପଥର ଟେକାକୁ
ପଚାରିଲେ ସେମାନେ କହିବେ

ମୋ ପ୍ରେମିକ ପଣିଆ
ଅତୀତର ଦରପୋଡା ମନ
ଭୁଶୁଡ଼ି ପଡିଥିବା ବିଶ୍ୱାସର ଘର
ଆଉ ଏଇ ଅଦେଖା ଦହନ ।

କାହିଁକି ଭେଟିବ
ଭେଟିଲେବା କିସ ଆଉ ଲାଭ
ଦୂରତା ଟା ତୁମ ପାଇଁ ମୋ ପାଇଁ
ସଭିଙ୍କୁ ମଙ୍ଗଳ
ପୋଡା ତିଅଣରେ ଆଉ
କେତେ ଆଉ ସୁଆଦ ବା ଥିବ ।




କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା


## ତୋ ଶରଧା ବାଲିକି ଛୁଇଁଦେଲେ ଥରେ

ହରିଶ୍ଚନ୍ଦ୍ର ବେହେରା

ତୋ ଶରଧା ବାଲିକି ଛୁଇଁଦେଲେ ଥରେ
ମୋ ପ୍ରାଣ ବଉଳି ଯାଏ
ତୋ କଳା ବଦନକୁ ଦେଖି ଦେଲେ ଥରେ
ଆତ୍ମହରା ହୋଇଯାଏଁ ।

ସବୁତ ଜାଣିଛୁ ତୋ ଠାରେ ମୋହର
କିଛିବି ମାଗୁଣି ନାହିଁ
କିଛି ଦେଇନାହୁଁ ବୋଲିବି କି ହେ ଆଉ
ତୋ ମାୟାରେ ମୁଁ ତ ବାଇ
ତୋ ଗରୁଡ଼ ସ୍ତମ୍ଭ ପାଖେ ଠିଆ ହୋଇ
ତୋହରି ଭଜନ ଗାଏ ।

ଷାଠିଏ ପଉଟି ଭୋଗ ଖାଉଥାଉ
ସେ ଲାଗି ପେଟା ଠାକୁର
କେଡ଼େ ଶରଧାରେ ବୁଲିଯାଉ ଥରେ
ଦୁଃଖିନୀ ମାଉସୀ ଘର
ପଦ୍ମାଳୟାଙ୍କର କେତେ ଆଡ଼ରୁଷା
ଅଭିମାନେ ରହିଯାଏ ।

ଅସଂଖ୍ୟ ରାତି ମୋ ଉଜାଗର ଆଖି
ତୋ ଆଖି ବୁଝିବ କାହୁଁ
ଜୀବନ ସାରାତ କନ୍ଦେଇ କନ୍ଦେଇ
କେଉଁ ସୁଖ ଅବା ପାଉ
ତୋ ଗଳା ଦୟଣା ତୁଳସୀ ମାଳାରେ
ସଦା ମୁଁ ମହକୁ ଥାଏଁ ।।




କଲ୍ୟାଣ ନଗର,
ବାଲେଶ୍ୱର-୧
ମୋ -୯୪୩୭୮୧୩୭୦୮


## ଢେଙ୍ଗାଲୋକ

ଡ. ଅନିଲ ନନ୍ଦ

ପାହାଡ଼ର ଶୃଙ୍ଗ କାଇଁ ହବ !
ଗୋଟେ ମଣିଷର ମୁଣ୍ଡ
ବଜ୍ରପାତରେ ଫାଟିଯିବାର
ସମ୍ଭାବନାକୁ ବେଖାତିର କରି
ମୁଣ୍ଡଟେକି ଦେଖୁଛି ଆକାଶର ରଙ୍ଗ ।

ପହିଲି ବର୍ଷାର ତୋଡ
ଝଡ଼ର ଲଗାତାର ତାଣ୍ଡବ
ନିଦାଘର ଅତିରିକ୍ତ ଅନୁଶାସନ
ସେଇ ମୁଣ୍ଡ ଛୁଇଁଲେ ହିଁ
ପାଲଟି ଯାଏ ପତିତପାବନୀ ଗଙ୍ଗା ।

ଢେଙ୍ଗା ଲୋକ ପ୍ରସଙ୍ଗରେ
ବେଶି କିଛି କହି ପାରିନାହିଁ
ଇତିହାସର ଅଧ୍ୟାୟ,

ଯେହେତୁ ଢେଙ୍ଗା ହେବା
ଗୋଟେ ସରୀସୃପର ନିୟତି
ଢେଙ୍ଗା ଲୋକର ମୁଣ୍ଡ ଉପରେ
ଅଭିଶାପମାନେ ନିର୍ବିବାଦରେ
କରନ୍ତି ରାତ୍ରୀଯାପନ।

ଗୋଟାଏ ଜାତି ଅବା ସଭ୍ୟତା
ପ୍ରଳୟ ଜଳରେ ଭାସିଯିବା ବେଳେ
ଖୋଜୁଥାଏ ଢେଙ୍ଗା ଲୋକର କାନ୍ଧ।






କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ - ୯୯୩୭୮୪୩୩୬୮


## ଖୋଜିବା ଓ ପାଇବା

ସୁନନ୍ଦା ମହାନ୍ତି

ତୁମେ ଆପଣେଇ ନେଲ ନାହିଁ
ଯେତେ ସବୁ କାରୁଣ୍ୟ କଳ୍ପନା
ଭାଙ୍ଗିଗଲା ଖଣ୍ଡ ଖଣ୍ଡ ହୋଇ ସୌଧ
ସ୍ୱପ୍ନ ସବୁ ବାସ୍ତବ ହେବାକୁ ଚାହିଁ
ଅଖଣ୍ଡ ସାମ୍ରାଜ୍ୟରେ ଦେଖି କି ଛଳନା
ତୁମେ ବୋଧିସତ୍ତ୍ୱରୁ ହେଲ ବୁଦ୍ଧ
ସତ୍ୟ ଓ ସତ୍ୟର ଚେତନା ପାଇଁ
ତୁମେ କାହୁଁ କରିବ କଳନା
କେତେ କାହାର ଭାଙ୍ଗିଲ ନିଦ
ନପାଇ ଔଷଧ ଭାଙ୍ଗିଗଲା ଜଉଘର
ଉଜୁଡିଲା କ୍ଷତ ଓ କ୍ଷିତି ସମ୍ଭାର
ଏହି କଣ ପୁଣ୍ୟ ନା ଶୁନ୍ୟ
ଥରେ ନିଜେ ନିଜକୁ ତ ପଚାର
କିବା ଆଉ ପାଇଥାନ୍ତ କାହିଁ

ଯୋଉ ସତ୍ୟ ପଛେ ଧାଇଁ ଧାଇଁ
ତୁମେ କହିଲ ବୁଦ୍ଧଂ ଶରଣମ ଗଚ୍ଛାମି
ଗଛ ମାଟି ପାଣି ପବନ କି ଦେଲେ ଉତ୍ତର
ପାଇଲ ଏତିକି ତବ ପାଦେ ନମାମି
ଦୁଃଖ ଦୂର ହେଲା ସତ୍ୟ କାର
କେତେକ ବି ହୋଇଲେ ନିଥର
ଏହିତ ମାୟା ପୃଥିବୀ ପୃଷ୍ଠର
ସଂସାର ଭିତରେ ସତ୍ୟ ଚେତନାରେ
କିଏ ମାୟା କିଏ ମୋହ ପରି କାୟା
ବିସ୍ତାରି ହୁଏତ ପାର କେତେ କାଳ
କାଳର କରାଳେ କିନ୍ତୁ ସଦା ପ୍ରାଣପକ୍ଷୀ
ଆକୁଳ ବିକଳ ସକଳ
ଆଣିଦେବ କି ବୁଦ୍ଧ ସେ ଚରମ କାଳ
ପୁରିଉଠିବ ଗହଗହ ନାଦରେ ସବୁରି ସକାଳ
ଖୋଜିବା ଓ ପାଇବା ଭିତରେ
କେତେ କାଳ ଅବା କୋଳ କହିବେ ସକଳ।


ସାକ୍ଷୀଗୋପାଳ
ପୁରୀ , ମୋ-୯୦୪୦୯୭୭୩୨୭




# କାନାଡ଼ା କ୍ରିକେଟ୍ ହେଡ୍ କୋଚ୍ ପଦରୁ ଇସ୍ତଫା ଦେଲେ ମଣ୍ଟି ଦେଶାଇ



**ମୁମ୍ବାଇ**

ମୋଣ୍ଟି ଦେଶାଇ କାନାଡ଼ା କ୍ରିକେଟ ଟିମ୍‌ର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ଚଳିତ ବର୍ଷ ମଇରେ ଦ୍ୱିତୀୟ ଥର ଲାଗି ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇ ଥିଲା। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ କେବଳ ୩ ମାସର ରହିଛି। ସେ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ନିଜ ପଦ ଛାଡ଼ିବାର ସୂଚନା ଦେଇଛନ୍ତି। ତାଙ୍କର ଟିମର ହାତ ଛାଡ଼ିବାର ନିଷ୍ପତ୍ତି ଏଭଳି ସମୟରେ ଆସିଛି ଯେତେବେଳେ କାନାଡ଼ା ଟିମ୍ ଗତ କିଛି ସମୟରୁ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଘେରି ହୋଇଅଛି।

ମୋଣ୍ଟି ଦେଶାଇ ନିଜ ଦ୍ୱିତୀୟ କାର୍ଯ୍ୟକାଳକୁ ଛୋଟ କିନ୍ତୁ ମହତ୍ୱପୂର୍ଣ୍ଣ କହିଛନ୍ତି। ସେ ନିଜ ସୋସିଆଲ ମିଡ଼ିଆ ପେଜ୍‌ରେ ଲେଖିଛନ୍ତି, ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଅଧ୍ୟାୟ। ପ୍ରତ୍ୟେକ ମାହୋଲ ଆପଣଙ୍କୁ କିଛି ନୂଆ ଶିଖାଇଥାଏ। ଏଠାରେ ମୋର ଅଭିଜ୍ଞତା ମୋର ବିଶ୍ୱାସକୁ ଆହୁରି ଦୃଢ଼ କରିଥିଲା ଯେ ସ୍ଥାୟୀ ପ୍ରଦର୍ଶନ ବିଶ୍ୱାସ, ସମୟ, ଦୃଢ଼ ସମ୍ପର୍କ, ପ୍ରସ୍ତୁତି ଏବଂ ଦଳଗତ କାର୍ଯ୍ୟ ଉପରେ ନିର୍ମିତ। ସେ ଖେଳାଳି ଏବଂ ସହାୟକ କର୍ମଚାରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

ସେ ଲେଖିଛନ୍ତି, ଖେଳାଳି, ସପୋର୍ଟ ଷ୍ଟାଫ ଏବଂ ଏହି ଯାତ୍ରାରେ ସାଥ୍ ଦେବା ଲୋକଙ୍କୁ ଧନ୍ୟବାଦ। ଗଠିତ ସମ୍ପର୍କ, ଶିଖାଯାଇଥିବା କଥା ଏବଂ ଯୋଗଦାନ ଦେବାର ସୁଯୋଗ ପାଇଁ ମୁଁ କୃତଜ୍ଞ। କାନାଡ଼ିଆନ କ୍ରିକେଟର ଅଭିବୃଦ୍ଧି ଏବଂ ସଫଳତାର ନିରନ୍ତର କାମନା କରୁଛି।

## ଡାଇମଣ୍ଡ ଲିଗ୍‌ରେ ମହାମୁକାବିଲା

# ପୁଣିଥରେ ମୁହାଁମୁହିଁ ହେବେ ନୀରଜ ଚୋପ୍ରା ଓ ରୁମେଶ ପଥିରାଗେ




**ନୂଆଦିଲ୍ଲୀ**

ଭାରତର ଅଭିଜ୍ଞ ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ଏବଂ ଶ୍ରୀଲଙ୍କାର ଉଦୀୟମାନ ତାରକା ରୁମେଶ ପଥିରାଗେ ଶୁକ୍ରବାର ଦିନ ଲୁସାନେ ଡାଇମଣ୍ଡ ଲିଗ୍‌ରେ ପୁଣି ଥରେ ମୁହାଁମୁହିଁ ହେବେ। ୨୧ ଅଗଷ୍ଟ ରାତି ୧୧:୫୨ରେ ହେବାକୁ ଥିବା ଏହି ମ୍ୟାଚ୍ ସମୟରେ ନୀରଜଙ୍କ ନଜର ଡାଇମଣ୍ଡ ଲିଗ୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିବା ଉପରେ ରହିବ। ଗ୍ଲାସ୍‌ଗୋ କମନୱେଲଥ ଗେମ୍ସରେ ପଥିରାଗେ ସ୍ୱର୍ଣ୍ଣ ଏବଂ ନୀରଜ ରୌପ୍ୟ ପଦକ ଜିତିଥିଲେ। ଏହାର ତିନି ସପ୍ତାହ ପରେ ଏହି ଦୁଇ ଖେଳାଳି ପୁଣି ଥରେ ପରସ୍ପର ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି।

୨୩ ବର୍ଷୀୟ ପଥିରାଗେ ବର୍ତ୍ତମାନ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ଫର୍ମରେ ଅଛନ୍ତି। ସେ ଦୋହା ଏବଂ ରୋମ୍ ଡାଇମଣ୍ଡ ଲିଗ୍‌ରେ ବିଜୟ ହାସଲ କରିବା ବ୍ୟତୀତ ଗ୍ଲାସଗୋରେ ୮୯.୭୫ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛନ୍ତି। ଜୁନ୍ ମାସରେ ରୋମ୍‌ରେ ୯୨.୬୨ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହିତ ସେ ୯୦ ମିଟରର ପ୍ରତିଷ୍ଠିତ ମାଇଲଖୁଣ୍ଟ ମଧ୍ୟ ପାର କରିଛନ୍ତି। ଶ୍ରୀଲଙ୍କାର ଏହି ଖେଳାଳି ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ଭାଗ ନେଇଥିବା ୯ଟି ପ୍ରତିଯୋଗିତା ମଧ୍ୟରୁ ୮ଟିରେ ବିଜୟ ହାସଲ କରିଛନ୍ତି। ସେ ପୂର୍ବରୁ ହିଁ ଡାଇମଣ୍ଡ ଲିଗ୍ ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିସାରିଛନ୍ତି।

ଅନ୍ୟପଟେ ନୀରଜ ଗତ ବର୍ଷ ସେପ୍ଟେମ୍ବର ମାସରୁ ପିଠିରେ ଆଘାତ ଜନିତ ସମସ୍ୟା ଯୋଗୁଁ ଚିନ୍ତିତ ଅଛନ୍ତି। ଏହି କାରଣରୁ ତାଙ୍କର ପ୍ରତ୍ୟାବର୍ତ୍ତନ ଦୋହାରେ ଆୟୋଜିତ ଡାଇମଣ୍ଡ ଲିଗ୍ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା। ଗ୍ଲାସ୍‌ଗୋରେ ସେ ସମ୍ପୂର୍ଣ୍ଣ ରୂପେ ଫିଟ୍ ନଥିଲେ, ତଥାପି ୮୫.୮୩ ମିଟରର ସର୍ବଶ୍ରେଷ୍ଠ ଥ୍ରୋ ସହ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ଏହି ୨୮ ବର୍ଷୀୟ ଭାରତୀୟ ଖେଳାଳି କମନୱେଲ୍‌ଥ ଗେମ୍ସ ପରେ କହିଥିଲେ, 'ମୁଁ ଏହା କହିପାରିବି ନାହିଁ ଯେ ମୋର ଫିଟନେସ୍ ପୂର୍ବ ଭଳି ଅଛି। କିନ୍ତୁ ମୁଁ ଧୀରେ ଧୀରେ ତାହା ହାସଲ କରିବା ଦିଗରେ ଆଗକୁ ବଢ଼ୁଛି।'

କମନୱେଲ୍‌ଥ ଗେମ୍ସ ପରେ ନୀରଜ ସ୍ୱିଜରଲାଣ୍ଡର ବିଲ୍ ସହରକୁ ଚାଲିଯାଇଥିଲେ। ଯେଉଁଠାରେ ସେ ନିଜ ପିଲାଦିନର କୋଚ୍ ଜୟବୀର ଚୌଧୁରୀ ଏବଂ ଫିଜିଓ ଈଶାନ ମାରୱାଙ୍କ ସହ ଅଭ୍ୟାସ କରୁଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିଅନ ଅରଶଦ ନଦୀମ ଏବଂ ଜର୍ମାନୀର ୟୁରୋପୀୟ ଚାମ୍ପିଅନ ଜୁଲିଆନ ୱେବର ଓହରି ଯିବା ଫଳରେ ଲୁସାନେ ଡାଇମଣ୍ଡ ଲିଗ୍‌ର ଚମକ କିଛି ମାତ୍ରାରେ ଫିକା ପଡ଼ିଯାଇଛି। ନଦୀମ ୨୦୨୪ ଅଲିମ୍ପିକ୍ସରେ ୯୨.୯୭ ମିଟରର ରେକର୍ଡ ଥ୍ରୋ ସହ ସ୍ୱର୍ଣ୍ଣ ପଦକ ଜିତିବା ପରଠାରୁ ସଂଘର୍ଷ କରୁଛନ୍ତି। ଏହି ସିଜନ୍‌ରେ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ୭୮.୬୩ ମିଟର ରହିଛି। ସେ କମନୱେଲଥ ଗେମ୍ସରେ ୭୭.୪୧ ମିଟର ସହ ନବମ ସ୍ଥାନ ହାସଲ କରିଥିଲେ। ୱେବର ବର୍ମିଂହାମରେ ଅନୁଷ୍ଠିତ ୟୁରୋପୀୟ ଚାମ୍ପିୟନସିପ୍‌ରେ ୯୦.୪୦ ମିଟର ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ : କ୍ୱାର୍ଟର ଫାଇନାଲରେ ପହଞ୍ଚିଲେ ତ୍ରିସା-ଗାୟତ୍ରୀଙ୍କ ଯୋଡ଼ି



**ନୂଆଦିଲ୍ଲୀ**

ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚନ୍ଦଙ୍କ ଯୋଡ଼ି ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍‌ର ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଭାରତୀୟ ଯୋଡ଼ି ଗୁରୁବାର ଦିନ ଜାପାନର ସପ୍ତମ ସୀଡ୍ ପ୍ରାପ୍ତ ରିନ୍ ଇୱାନାଗା ଏବଂ କି ନାକାନିଶିଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରି ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଭାରତର ଏହି ଯୋଡ଼ି ଏକତରଫା ମୁକାବିଲାରେ ବିଶ୍ୱର ୭ ନମ୍ବର ଯୋଡ଼ି ରିନ୍ ଏବଂ ନାକାନିଶିଙ୍କୁ ୨୧-୧୬, ୨୧-୧୨ରେ ପରାସ୍ତ କରିଛନ୍ତି। ନିକଟରେ ଅର୍ଜୁନ ପୁରସ୍କାର ପାଇଥିବା ତ୍ରିସା ଏବଂ ଗାୟତ୍ରୀ ପ୍ରାରମ୍ଭରୁ ହିଁ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ନିଜ ପ୍ରତିଦ୍ୱନ୍ଦ୍ୱୀ ଯୋଡ଼ିଙ୍କୁ କୌଣସି ସୁଯୋଗ ଦେଇନଥିଲେ। ଏହି ମୁକାବିଲା ୪୪ ମିନିଟ୍ ଧରି ଚାଲିଥିଲା। ଏହି ଭାରତୀୟ ଯୋଡ଼ି ୨୦୨୨ ଏବଂ ୨୦୨୩ରେ କ୍ରମାଗତ ଦୁଇ ବର୍ଷ ଅଲ୍ ଇଂଲଣ୍ଡ ଓପନ୍‌ର ସେମିଫାଇନାଲରେ ପ୍ରବେଶ କରିଥିଲେ। ପରାଜିତ ହୋଇଥିବା ଜାପାନର ଯୋଡ଼ି ଗତ ବିଶ୍ୱ ଚାମ୍ପିଅନସିପ୍‌ରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ଜିତିଥିଲେ।

ଚଳିତ ବର୍ଷ ଆରମ୍ଭରେ ତ୍ରିସାଙ୍କ ଗୋଡ଼ର ଗଣ୍ଠିରେ ଆଘାତ ଲାଗିବା କାରଣରୁ ଏହି ଯୋଡ଼ି କିଛି ଟୁର୍ଣ୍ଣାମେଣ୍ଟରେ ଖେଳିପାରିନଥିଲେ। ଏମାନେ ଇଣ୍ଡୋନେସିଆ ଓପନ୍‌ରେ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଏହି ମାସ ଆରମ୍ଭରେ ଫିଲିପାଇନ୍ସ ଇଣ୍ଟରନ୍ୟାସନାଲ୍ ଚ୍ୟାଲେଞ୍ଜ୍ ଜିତିଥିଲେ। ବର୍ତ୍ତମାନ ଏହି ଯୋଡ଼ି ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ ୨୦୨୬ ରେ ଭାରତ ପାଇଁ ପଦକ ସୁନିଶ୍ଚିତ କରିବାଠାରୁ ମାତ୍ର ଗୋଟିଏ ବିଜୟ ଦୂରରେ ରହିଛନ୍ତି।

ବିଶ୍ୱ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ବର୍ତ୍ତମାନ ଏମାନଙ୍କର ମୁକାବିଲା ଝାଙ୍ଗ୍ ଶୁଜିନ୍ ଏବଂ ଜିଆ ଇଫାନ୍‌ଙ୍କ ସହ ହେବ। ୨୯ ବର୍ଷୀୟା ଜିଆ ଇଫାନ୍‌ଙ୍କ ନାମରେ ବିଶ୍ୱ ଚାମ୍ପିଅନସିପ୍‌ରେ ଚାରିଟି ସ୍ୱର୍ଣ୍ଣ ପଦକ ରହିଛି। ସେ ପ୍ୟାରିସ୍ ଅଲିମ୍ପିକ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ସେତେବେଳେ ତାଙ୍କର ଯୋଡ଼ିଦାର ଚେନ୍ କିଙ୍ଗ୍‌ଚେନ୍ ଥିଲେ। ଗତ ବର୍ଷ ଶେଷ ଆଡ଼କୁ ଚେନ୍ ଅବସର ନେଇଯିବା ପରେ ଜିଆ ଇଫାନ୍, ଝାଙ୍ଗ୍ ଶୁଜିନ୍‌ଙ୍କୁ ନିଜର ନୂଆ ଯୋଡ଼ିଦାର ଭାବେ ବାଛିଛନ୍ତି। ଚତୁର୍ଥ ସୀଡ୍ ପ୍ରାପ୍ତ ଚାଇନିଜ୍ ଯୋଡ଼ି ତୃତୀୟ ରାଉଣ୍ଡ ମୁକାବିଲାରେ ତାଇୱାନର ହସିଏହ ପେଇ-ଶାନ୍ ଏବଂ ହଙ୍ଗ୍ ଏନ୍-ତଝୁଙ୍କୁ ପରାସ୍ତ କରିଛନ୍ତି।

# ବିସିସିଆଇ ଘୋଷଣା କଲା ଦୁଲୀପ ଟ୍ରଫି ସେଡ୍ୟୁଲ୍



**ନୂଆଦିଲ୍ଲୀ**

ବିସିସିଆଇ ଗୁରୁବାର (୨୦ ଅଗଷ୍ଟ) ଦୁଲୀପ ଟ୍ରଫି ୨୦୨୬ର ମ୍ୟାଚ୍ ସୂଚୀ ଘୋଷଣା କରିଛି। ପ୍ରଥମେ ଦୁଇଟି କ୍ୱାର୍ଟର ଫାଇନାଲ୍ ଖେଳାଯିବ, ଏହା ପରେ ଦୁଇଟି ସେମିଫାଇନାଲ୍ ଏବଂ ଶେଷରେ ଫାଇନାଲ୍ ମୁକାବିଲା ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ୨୩ ଅଗଷ୍ଟରୁ ଆରମ୍ଭ ହେବାକୁ ଯାଉଛି। ବେଙ୍ଗାଲୁରୁରେ କ୍ୱାର୍ଟର ଫାଇନାଲ୍ ଏବଂ ସେମିଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଆୟୋଜିତ ହେବାକୁ ଥିବାବେଳେ, ଫାଇନାଲ୍ ମୁକାବିଲା ପାଇଁ ବିସିସିଆଇ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମକୁ ଚୟନ କରିଛି।

ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଇଷ୍ଟ ଜୋନ୍ ଏବଂ ନର୍ଥ ଇଷ୍ଟ ଜୋନ୍ ମୁହାଁମୁହିଁ ହେବେ। ଏହି ମୁକାବିଲା ୨୩ ଅଗଷ୍ଟରୁ ଆରମ୍ଭ ହୋଇ ୨୬ ଅଗଷ୍ଟ ପର୍ଯ୍ୟନ୍ତ ଖେଳାଯିବ। ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଇଓ) ଗ୍ରାଉଣ୍ଡ-୨ ରେ ଏହି ମ୍ୟାଚ୍ ଆୟୋଜିତ ହେବ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ନର୍ଥ ଜୋନ୍ ଏବଂ ୱେଷ୍ଟ ଜୋନ୍ ମଧ୍ୟରେ ସେହି ସମାନ ତାରିଖରୁ ସିଓଇ ଗ୍ରାଉଣ୍ଡ-୧ ରେ ଆୟୋଜିତ ହେବ। ପରାଜିତ ଦଳଗୁଡ଼ିକ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବେ ଏବଂ ବିଜୟୀ ଦଳଗୁଡ଼ିକ ସେମିଫାଇନାଲ୍‌କୁ ପ୍ରବେଶ କରିବେ।

ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ସେଣ୍ଟ୍ରାଲ ଜୋନ୍ ଏବଂ ସାଉଥ୍ ଜୋନ୍ ପୂର୍ବରୁ ହିଁ ସ୍ଥାନ ପାଇସାରିଛନ୍ତି। ୩୦ ଅଗଷ୍ଟରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ସେଣ୍ଟର ଅଫ୍ ଏକ୍ସିଲେନ୍ସର ଗ୍ରାଉଣ୍ଡ ୧ ଏବଂ ୨ରେ ସେମିଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ସେଣ୍ଟ୍ରାଲ ଜୋନ୍ ଏବଂ କ୍ୱାର୍ଟର ଫାଇନାଲ୍ ୧ର ବିଜୟୀ ଦଳ ମଧ୍ୟରେ ଗ୍ରାଉଣ୍ଡ ୧ରେ ଆୟୋଜିତ ହେବ। ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ସାଉଥ୍ ଜୋନ୍ ଏବଂ କ୍ୱାର୍ଟର ଫାଇନାଲ୍ ୨ର ବିଜୟୀ ଦଳ ମଧ୍ୟରେ ଗ୍ରାଉଣ୍ଡ ୨ରେ ଆୟୋଜିତ ହେବ।

ସେହିପରି ଦୁଲୀପ ଟ୍ରଫିର ଫାଇନାଲ୍ ମୁକାବିଲା ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଆୟୋଜିତ ହେବ। କ୍ୱାର୍ଟର ଫାଇନାଲ୍ ଏବଂ ସେମିଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ୪-୪ ଦିନିଆ ହୋଇଥିବା ବେଳେ, ଫାଇନାଲ୍ ମ୍ୟାଚ୍ ୫ ଦିନ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବିସିସିଆଇ ୬ରୁ ୧୦ ସେପ୍ଟେମ୍ବର ତାରିଖ ସ୍ଥିର କରିଛି। ଦୁଇ ସେମିଫାଇନାଲ୍‌ର ବିଜୟୀ ଦଳଗୁଡ଼ିକ ମଧ୍ୟରେ ଏହି ମହାମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ, ତିଲକ ବର୍ମା, ରଜତ ପାଟିଦାର, ଇଶାନ କିଷନ ଏବଂ ଋତୁରାଜ ଗାଏକ୍ୱାଡ୍‌ଙ୍କ ଭଳି ଅନେକ ପ୍ରମୁଖ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

ଦୁଲୀପ ଟ୍ରଫି ସେଡ୍ୟୁଲ୍ :

୨୩-୨୬ ଅଗଷ୍ଟ ୨୦୨୬: ଇଷ୍ଟ ଜୋନ୍ ବନାମ ନର୍ଥ ଇଷ୍ଟ ଜୋନ୍ (କ୍ୱାର୍ଟର ଫାଇନାଲ୍ ୧) – ବିସିସିଆଇ ସିଓଇ ଗ୍ରାଉଣ୍ଡ ୨ (ବେଙ୍ଗାଲୁରୁ)।

୨୩-୨୬ ଅଗଷ୍ଟ ୨୦୨୬: ନର୍ଥ ଜୋନ୍ ବନାମ ୱେଷ୍ଟ ଜୋନ୍ (କ୍ୱାର୍ଟର ଫାଇନାଲ୍ ୨) – ବିସିସିଆଇ ସିଓଇ ଗ୍ରାଉଣ୍ଡ ୧ (ବେଙ୍ଗାଲୁରୁ)।

୩୦ ଅଗଷ୍ଟ-୨ ସେପ୍ଟେମ୍ବର ୨୦୨୬: ସେଣ୍ଟ୍ରାଲ ଜୋନ୍ ବନାମ ଛର ୧ ବିଜେତା (ସେମିଫାଇନାଲ୍ ୧)– ବିସିସିଆଇ ସିଓଇ ଗ୍ରାଉଣ୍ଡ ୧ (ବେଙ୍ଗାଲୁରୁ)।

୩୦ ଅଗଷ୍ଟ-୨ ସେପ୍ଟେମ୍ବର ୨୦୨୬: ସାଉଥ୍ ଜୋନ୍ ବନାମ କ୍ୟୁଏଫ ୨ ବିଜେତା (ସେମିଫାଇନାଲ୍ ୨) – ବିସିସିଆଇ ସିଓଇ ଗ୍ରାଉଣ୍ଡ ୨ (ବେଙ୍ଗାଲୁରୁ)।

୬-୧୦ ସେପ୍ଟେମ୍ବର ୨୦୨୬: ଏସଏଫ ୧ ବିଜେତା ବନାମ ଏସଏଫ ୨ ବିଜେତା (ଫାଇନାଲ୍) – ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ (ଚେନ୍ନାଇ)।

# ବିଦେଶୀ ପିଚ୍‌ରେ ସଚିନ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଥିଲେ, କିନ୍ତୁ ବିରାଟ କୋହଲି ସେହି ପ୍ରଦର୍ଶନକୁ ଆହୁରି ଉଚ୍ଚ ସ୍ତରକୁ ନେଇଥିଲେ : ଡିଭିଲିୟର୍ସ




**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକାର 'ମିଷ୍ଟର ୩୬୦ ଡିଗ୍ରୀ' ଭାବେ ପରିଚିତ ଏବି ଡିଭିଲିୟର୍ସ ଭାରତୀୟ କ୍ରିକେଟର ଦୁଇ ମହାନ ବ୍ୟାଟର ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ବିଦେଶୀ ପିଚ୍‌ରେ ଭାରତୀୟ ବ୍ୟାଟରଙ୍କ ସଫଳତା ପାଇଁ ସଚିନ ତେନ୍ଦୁଲକର ଏକ ନୂଆ ମାନଦଣ୍ଡ ସ୍ଥାପନ କରିଥିଲେ, କିନ୍ତୁ ବିରାଟ କୋହଲି ସେହି ପ୍ରଦର୍ଶନକୁ ଆହୁରି ଉଚ୍ଚ ସ୍ତରକୁ ନେଇଥିଲେ।

ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରତିକ୍ରିୟା ଦେଇ ଡିଭିଲିୟର୍ସ କହିଛନ୍ତି ଯେ, ସଚିନ ପ୍ରଥମ ଖେଳାଳି ଥିଲେ ଯିଏ ପ୍ରମାଣ କରିଥିଲେ ଯେ, ଉପମହାଦେଶର ଜଣେ ବ୍ୟାଟ୍‌ସମ୍ୟାନ ଭାବରେ, ବାଉନ୍ସ ଏବଂ ସିମ୍ ଗତି ପ୍ରଦାନ କରୁଥିବା ପରିସ୍ଥିତିରେ ମଧ୍ୟ ଜଣେ ଭଲ ପ୍ରଦର୍ଶନ କରିପାରିବ। ବିରାଟ ସେହି ପରମ୍ପରାକୁ ଆଗକୁ ବଢ଼ାଇଛନ୍ତି ଏବଂ ସ୍ତରକୁ ଆହୁରି ଉଚ୍ଚ କରିଛନ୍ତି। ଡିଭିଲିୟର୍ସ କହିଛନ୍ତି ଯେ ବିରାଟ ଓ ସଚିନଙ୍କ ପ୍ରଦର୍ଶନର ପ୍ରଭାବ ଏବେ ଅନ୍ୟ ଭାରତୀୟ ବ୍ୟାଟରଙ୍କ ଉପରେ ମଧ୍ୟ ଦେଖିବାକୁ ମିଳୁଛି। କେଏଲ୍ ରାହୁଲ ଓ ଦେବଦତ୍ତ ପଡିକ୍କଲଙ୍କ ଭଳି ଖେଳାଳିମାନେ ମଧ୍ୟ ଏହି ପରମ୍ପରାକୁ ଆଗକୁ ନେଉଛନ୍ତି। ଡି'ଭିଲିୟର୍ସଙ୍କ ମତରେ, ବିଦେଶୀ ପରିସ୍ଥିତିରେ ଭାରତୀୟ ବ୍ୟାଟରଙ୍କ ପ୍ରଦର୍ଶନର ମାନଦଣ୍ଡ ବଦଳାଇବାରେ ବିରାଟଙ୍କ ବଡ଼ ଭୂମିକା ରହିଛି।

ତେବେ ଡିଭିଲିୟର୍ସ କେଏଲ୍ ରାହୁଲଙ୍କ ବିଦେଶୀ ରେକର୍ଡକୁ ନେଇ ମଧ୍ୟ ମତ ରଖିଛନ୍ତି। ତାଙ୍କ କହିବା ଅନୁସାରେ, ରାହୁଲଙ୍କ ବ୍ୟାଟିଂ ଟେକ୍ନିକ୍ ଅତ୍ୟନ୍ତ ମଜବୁତ ଏବଂ ସେ ଭାରତୀୟ ଦଳ ପାଇଁ ଜଣେ ବଡ଼ ସମ୍ପଦ। କିନ୍ତୁ ବିଦେଶରେ ତାଙ୍କ ହାରାହାରି ପ୍ରଦର୍ଶନ ଆଶା ଅନୁସାରେ ହୋଇନାହିଁ। ଡିଭିଲିୟର୍ସ କହିଛନ୍ତି ଯେ ବିଦେଶୀ ମାଟିରେ ନୂଆ ବଲ୍‌ର ସାମ୍ନା କରିବା ସବୁବେଳେ କଷ୍ଟକର। ପ୍ରଥମ ବଲ୍‌ରେ ଶୂନ୍ୟରେ ଆଉଟ୍ ହେବା କିମ୍ବା ନୂଆ ବଲ୍‌ର ଶିକାର ହେବାର ଆଶଙ୍କା ରହିଥାଏ। ତେଣୁ ରାହୁଲ ଯେତେବେଳେ ଭଲ ଭାବେ ସେଟ୍ ହୋଇଯାଆନ୍ତି, ସେତେବେଳେ ତାଙ୍କୁ ବଡ଼ ଇନିଂସକୁ ଆହୁରି ବଡ଼ କରିବା ଉପରେ ଧ୍ୟାନ ଦେବାକୁ ପଡ଼ିବ ବୋଲି ଡିଭିଲିୟର୍ସ ପରାମର୍ଶ ଦେଇଛନ୍ତି।

# ଇତିହାସରେ ପ୍ରଥମ ଥର : ପାକିସ୍ତାନ-ଇଂଲଣ୍ଡ ମ୍ୟାଚ୍‌ରେ କ୍ରିକେଟ୍ ବଲ୍‌କୁ କାଟି ଦୁଇ ଭାଗ କଲେ ଗ୍ରାଉଣ୍ଡଷ୍ଟାଫ୍



**ହେଡିଂଲି**

ହେଡିଂଲିରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ପାକିସ୍ତାନର ପ୍ରଥମ ପାଳି ଶେଷ ହେବା ପରେ ମ୍ୟାଚ୍‌ରେ ବ୍ୟବହୃତ ବଲ୍‌କୁ ଦୁଇ ଭାଗରେ କାଟି ଦିଆଯାଇଥିଲା। ଗୋଟିଏ ଭାଗ ଓଲି ରବିନସନ୍‌ଙ୍କୁ ଏବଂ ଅନ୍ୟ ଭାଗ ଜୋଶ ଟଙ୍ଗ୍‌ଙ୍କୁ ଦିଆଯାଇଥିଲା।

ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୨ ୱିକେଟ୍ ହରାଇ ୧୧୨ ରନ୍ କରିଛି। ଅର୍ଥାତ୍ ପାକିସ୍ତାନର ପ୍ରଥମ ପାଳିର ସ୍କୋରଠାରୁ ଇଂଲଣ୍ଡ ମାତ୍ର ୫୯ ରନ୍ ପଛରେ ରହିଛି। ଏହା ପୂର୍ବରୁ ପାକିସ୍ତାନ ମାତ୍ର ୧୭୧ ରନ୍‌ରେ ଅଲଆଉଟ୍ ହୋଇଥିଲା। କ୍ରିକେଟ୍‌ରେ ଜଣେ ବୋଲର ଗୋଟିଏ ଇନିଂସ୍‌ରେ ୫ଟି ୱିକେଟ୍ ନେଲେ, ମ୍ୟାଚ୍‌ରେ ବ୍ୟବହୃତ ବଲ୍‌କୁ ସ୍ମୃତି ଭାବେ ସାଙ୍ଗରେ ନେବାର ଏକ ପରମ୍ପରା ରହିଛି। ହେଡିଂଲିରେ ଇଂଲଣ୍ଡର ଓଲି ରବିନସନ୍ ଓ ଜୋଶ ଟଙ୍ଗ୍ ଉଭୟେ ପାକିସ୍ତାନ ବିପକ୍ଷରେ ୫-୫ ୱିକେଟ୍ ନେଇଥିଲେ।

ତେଣୁ ଉଭୟ ବୋଲରଙ୍କୁ ବଲ୍‌ର ଅଧା ଅଧା ଦେବା ପାଇଁ ଗ୍ରାଉଣ୍ଡ ଷ୍ଟାଫ୍ ବଲ୍‌ଟିକୁ ସମାନ ଦୁଇ ଭାଗରେ କାଟିଥିଲେ। ଜୋଶ ଟଙ୍ଗ୍ କହିଛନ୍ତି ଯେ, ରବିନସନ୍ ତାଙ୍କୁ ବଲ୍‌କୁ ଦୁଇ ଭାଗ କରି ବାଣ୍ଟିବାର ପ୍ରସ୍ତାବ ଦେଇଥିଲେ। ଏହା ତାଙ୍କ ପାଇଁ ମଧ୍ୟ ଏକ ନୂଆ ଅନୁଭୂତି ବୋଲି ସେ କହିଛନ୍ତି। ଇଂଲଣ୍ଡର ଟେଷ୍ଟ ଇତିହାସରେ ପ୍ରାୟ ୨୦ ବର୍ଷ ପରେ ଗୋଟିଏ ଇନିଂସ୍‌ରେ ଦୁଇ ବୋଲର ୫-୫ ୱିକେଟ୍ ନେଇଛନ୍ତି। ଶେଷଥର ୨୦୦୬ ମସିହାରେ ମାଞ୍ଚେଷ୍ଟରରେ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏଭଳି ଘଟିଥିଲା। ସେତେବେଳେ ଷ୍ଟିଭ୍ ହାର୍ମିସନ୍ ଓ ମଣ୍ଟି ପାନେସର ୫-୫ ୱିକେଟ୍ ନେଇଥିଲେ। ତେବେ ସେହି ମ୍ୟାଚ୍‌ରେ ବଲ୍‌କୁ କାଟି ଦୁଇ ଭାଗ କରାଯାଇନଥିଲା।

E-Mail ID - rwd.padampur@yahoo.co.in
Ph.No. 9437255440

25001/982/2627

**Government of Odisha "e" Procurement Notice**
**Bid Identification No: Online- 04-OF 2026-27**

1. Name of the work : Building Repair works (As per Annexure-'A')
2. Amount put to Bid Excluding GST : As per Annexure-'A'
3. Class of contractor : "D" & "C" Class
5. Date & Time of availability of bid document in the portal : From Dt. 01.09.2026 at 10.00 A.M.
6. Last date & Time for receipt of bids in the portal : Dt. 10.09.2026 upto 05:00 P.M.
7. Last date of seeking clarification : Dt. 31.08.2026 up to 05.00 P.M
8. Date & Time of technical bid opening : Dt. 11.09.2026 at 11.00 A.M .
10. Name and address of the Officer Inviting Bid : Superintending Engineer, R.W.Division, Padampur, At/Po- Padampur, Dist-Baragada,Pin- 768036

i. Other details can be seen from **DTCN** available in website www.tendersodisha.gov.in
ii. Corrigendum, if any shall only be published in the above website.

Sd/- Superintending Engineer
Rural Works Division, Padampur

OIPR-25001/25069/1/26-27/0006

# ବିଭିନ୍ନ ଉନ୍ନୟନ, ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟର ତଦାରଖ କଲେ ଜିଲ୍ଲାପରିଷଦ ଅଧିକାରୀ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ, ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟର ତଦାରଖ କରିଛନ୍ତି ଜିଲ୍ଲା ପରିଷଦର ଅଧିକାରୀମାନେ। ଜିଲ୍ଲା ପରିଷଦର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ଦାଶ ଏବଂ ଜଳ ଓ ପରିମଳ ବିଭାଗର ଜିଲ୍ଲା ସଂଯୋଜକ ଲିଙ୍ଗରାଜ ଦାଶ ଗାଇସିଲେଟ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ପ୍ରକଳ୍ପ ଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଅଧିକାରୀଦ୍ୱୟ କଟାବାହାଲ, ତାଲପାଲି, ଜାମୁଟପାଲି ଓ ଫିରିଙ୍ଗିମାଲ ଗ୍ରାମପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମକୁ ଯାଇ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ନିର୍ମାଣ ମାନ ଯାଞ୍ଚ କରିଥିଲେ। ଏହି ଅବସରରେ କଲ୍ୟାଣମଣ୍ଡପ, ଶବଦାହ ଗୃହ, ରାସ୍ତା ଉନ୍ନତିକରଣ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସ୍ଥିତି ତଦାରଖ କରାଯାଇଥିଲା। ସେହିପରି ଜଳ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣାଧୀନ ଗୋଷ୍ଠୀ ଶୌଚାଳୟ, ଗୋଷ୍ଠୀଗତ ଗାତ, ବ୍ୟକ୍ତିଗତ ଶୌଚାଳୟ, ଗୋବର୍ଦ୍ଧନ ବାୟୋଗ୍ୟାସ୍ ସମେତ ବିଭିନ୍ନ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟର ମଧ୍ୟ ତଦାରଖ କରାଯାଇଥିଲା। ପ୍ରକଳ୍ପଗୁଡ଼ିକର ଗୁଣବତ୍ତା, କାର୍ଯ୍ୟର ଅଗ୍ରଗତି ଏବଂ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ କାମ ହେଉଛି କି ନାହିଁ, ସେନେଇ ଅଧିକାରୀମାନେ ଯାଞ୍ଚ କରିଥିଲେ ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳରେ ସ୍ୱଚ୍ଛତା ଓ ପରିମଳକୁ ଅଧିକ ଗୁରୁତ୍ୱ ଦେବା ସହ ସ୍ୱଚ୍ଛ ପରିବେଶ ସୃଷ୍ଟି ଏବଂ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଓ ଉତ୍ତମ ମାନରେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ଏହି ତଦାରଖ ସମୟରେ ଗାଇସିଲେଟ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୈଳାଶ ଚନ୍ଦ୍ର ମେହେର, କନିଷ୍ଠ ଯନ୍ତ୍ରୀ ଅନୁଜ କୁମାର ଚନ୍ଦନ, ଜଗତବନ୍ଧୁ ମେହେର, ଅମିତ ଏକ୍କା, ବ୍ଲକ ସଂଯୋଜକ ରାଜେନ୍ଦ୍ର ପଣ୍ଡା ଏବଂ ମାଷ୍ଟର ଟ୍ରେନର ତରଣୀ ସେନ୍ ମହଲା ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କ ସହ ଅଧିକାରୀମାନେ ଆଲୋଚନା କରି ଚାଲିଥିବା କାର୍ଯ୍ୟର ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ଜିଲ୍ଲା ପରିଷଦ ଅଧିକାରୀଙ୍କ ଏହି ତଦାରଖ ଫଳରେ ଗାଇସିଲେଟ ବ୍ଲକରେ ଚାଲିଥିବା ଉନ୍ନୟନ, ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକୁ ଆହୁରି ଗତି ମିଳିବା ସହ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ବଜାୟ ରହିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ କମିଟି ବୈଠକ




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଅଭିଭାଷଣ ରଖି କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷାକୁ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରି ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

ଉକ୍ତ ବୈଠକରେ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ସଶକ୍ତିକରଣ ଏବଂ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। କନ୍ୟା ସନ୍ତାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଓ ପ୍ରଭାବଶାଳୀ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାଏକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲ୍ଲାରେ କନ୍ୟା ସନ୍ତାନଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହ ସେମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ସମାଜରେ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡେଇ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସରୋଜିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

13001/1596/2627

**ପୌରପରିଷଦ କାର୍ଯ୍ୟାଳୟ, ତାଳଚେର**
**ଜିଲ୍ଲା- ଅନୁଗୋଳ**

ଫୋ. ନଂ. (୦୬୭୬୦)୨୪୦୨୫୯ ଇ-ମେଲ୍ ଆଇ.ଡି : e.o.talcher@gmail.com

ନଂ. 2883 / ତା. 19.08.2026

– ଟେଣ୍ଡର ନୋଟିସ୍ –

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଚଳିତ ବର୍ଷ ଗଣେଶ ପୂଜା-୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷ ଉପଲକ୍ଷେ ତାଳଚେର ପୌରପରିଷଦ ବସ ଷ୍ଟାଣ୍ଡ ନିକଟସ୍ଥ ତାଳଚେର କଲେଜ ପଡ଼ିଆରେ ଦୋଳି ଓ ମୀନା ବଜାର ନିମନ୍ତେ ତା-୧୪.୦୯.୨୦୨୬ ରିଖ ଠାରୁ ତା-୨୫.୦୯.୨୦୨୬ ରିଖ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା-୨୦.୦୮.୨୦୨୬ ରିଖ ଠାରୁ ତା-୩୧.୦୮.୨୦୨୬ ରିଖ ଅପରାହ୍ଣ ଘ.୪.୩୦ମି. ଘଟିକା ମଧ୍ୟରେ ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୨,୦୦୦/- ଙ୍କା (ଦୁଇ ହଜାର ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ ଟେଣ୍ଡର ଆବେଦନ କାଗଜାତ କ୍ରୟ କରିପାରିବେ । ଟେଣ୍ଡର ତା-୦୧.୦୯.୨୦୨୬ ରିଖ ଦିବା ଘ.୧.୩୦ମି. ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ଉକ୍ତ ଦିନ ଅପରାହ୍ଣ ଘ.୩.୩୦ମି. ସମୟରେ ଟେଣ୍ଡର କମିଟି ଓ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ପୌରପରିଷଦର ସର୍ତ୍ତାବଳୀ ପାଳନ କରିବେ । ଉକ୍ତ ସର୍ତ୍ତାବଳୀ ପୌର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ଉପଲବ୍ଧ ଅଟେ ।

ସ୍ୱା/- ନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13001/13077/1/26-27/0028

6001/94/2627

**ଜିଲ୍ଲା ମତ୍ସ୍ୟଅଧିକାରୀଙ୍କ କାର୍ଯ୍ୟାଳୟ, ପୁରୀ**

ପତ୍ର ସଂଖ୍ୟା ୨୫୫୩ ତା ୧୮.୦୮.୨୦୨୬

**ବିଜ୍ଞାପନ**

ଏତଦ୍ୱାରା ପୁରୀ ଜିଲ୍ଲା ଅନ୍ତର୍ଗତ ସମସ୍ତ କ୍ଷାରିଜଳ ଚିଙ୍ଗୁଡ଼ିଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମ ୨୦୨୪ ଅନୁଯାୟୀ କ୍ଷାରିଜଳ ଚିଙ୍ଗୁଡ଼ି ଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ, ସମୟ ମଧ୍ୟରେ କରାଯିବା ଆବଶ୍ୟକ। ବିନାପଞ୍ଜୀକରଣରେ ଚିଙ୍ଗୁଡ଼ି ଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲ୍ଲଂଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇ ନାହାନ୍ତି, ସେମାନେ ତୁରନ୍ତ ଏହି ବିଜ୍ଞାପନ ପ୍ରକାଶପାଇବାର ୧୫ ଦିନ ମଧ୍ୟରେ ଅନଲାଇନ Nsws ପୋର୍ଟାଲରେ ଆବେଦନ କରିବେ। ଏତଦବ୍ୟତୀତ ତଟୀୟ ଜଳକୃଷି ଅଧିକାରୀଙ୍କ ଦ୍ୱାରା ପୂର୍ବରୁ ପଞ୍ଜୀକୃତ ଚିଙ୍ଗୁଡ଼ି ଚାଷ ଫାର୍ମ, ଯାହାର ଲାଇସେନ୍ସର ଅବଧି ସମାପ୍ତ ହୋଇଯାଇଛି, ସେମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଉଛି ଯେ, ତୁରନ୍ତ ଅନଲାଇନ Nsws ପୋର୍ଟାଲରେ ଏହାର ନବୀକରଣ ପାଇଁ ଉପରୋକ୍ତ ସମୟସୀମା ମଧ୍ୟରେ ଆବେଦନ କରନ୍ତୁ। ଏହା ଅନୁସରଣ ନକଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ଼କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡ଼ି ଫାର୍ମକୁ ଉଚ୍ଛେଦ କରାଯିବ।

ସ୍ୱ/- ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲାସ୍ତରୀୟ ପ୍ରାଧିକରଣ କମିଟି, ପୁରୀ

OIPR-6001/6110/1/26-27/0001



## ଚେତନାରେ 'ଦି ସିଲଭର୍ସ'ର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ

# ସମାବେଶୀ ଶିକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ନାଗରିକ ସଂଘ 'ଦି ସିଲଭର୍ସ'ର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ 'ଇନଭିଟେସନ ଟୁ ଇନକ୍ଲୁସିଭ ଏଡୁକେସନ' ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଞ୍ଜିକରଣ କରାଯାଇଥିଲା।




ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ ଏବଂ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦି ସିଲଭର୍ସର ସଭାପତି ତଥା ଚେତନା ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ନାରାୟଣ ଚନ୍ଦ୍ର ପତିଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ପରେ 'ଇନଭିଟେସନ ଟୁ ଇନକ୍ଲୁସିଭ ଏଡୁକେସନ' ପୁସ୍ତକ ଓ ଦି ସିଲଭର୍ସ ବାର୍ଷିକ ସ୍ମରଣୀକା ର ଔପଚାରିକ ଉନ୍ମୋଚନ କରାଯାଇଥିଲା। ପୁସ୍ତକଟିର ସମୀକ୍ଷା କରିଥିଲେ ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ତାଙ୍କ ଅଭିଭାଷଣରେ ସମାବେଶୀ ଶିକ୍ଷାର ଗୁରୁତ୍ୱ ଓ ସମାଜରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ବରିଷ୍ଠ ନାଗରିକ ମାନଙ୍କ ଅନୁଭବ ଓ ଯୁବପିଢ଼ିର ଉତ୍ସାହ ଏକାଠି ହେଲେ ଏକ ସୁସ୍ଥ, ସଚେତନ ଓ ମାନବିକ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ଦି ସିଲଭର୍ସ'ର ସମ୍ପାଦକକୈଳାଶ ଚନ୍ଦ୍ର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଗନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ମନୋଜ କୁମାର ଦାଶ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ରାଜ୍ୟ ବରିଷ୍ଠ ନାଗରିକ ସଂଘ ସଭାପତି ମଧୁ ମାଧବ ଜେନା ନିଜ ନିଜ ଅଭିଭାଷଣରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ସେହିପରି ସମ୍ମାନିତ ରାଜ୍ୟ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଯୁଗଳ କିଶୋର ସାହୁ ଏବଂ ପ୍ରଫେସର ଗୋପାଳ କୃଷ୍ଣ ନନ୍ଦ ମଧ୍ୟ ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଫୁଲ ମହାପାତ୍ର, ପ୍ରଫେସର ମନୋଜ ମହାନ୍ତି, କୈଳାଶ ଆଚାର୍ଯ୍ୟ, ଚକ୍ରଧର ଦାସ, ଡଃ ବିଜୟା ପତି, ପ୍ରଫେସର ହାଡିବନ୍ଧୁ ପଟ୍ଟନାୟକ ଓ ପ୍ରଫୁଲ୍ଲ ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ମନୋବିଜ୍ଞାନ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସମାଜସେବୀ ଡ଼ଃ ବିଚିତ୍ରାନନ୍ଦ ସ୍ୱାଇଁ ଓ ପ୍ରସନ୍ନ କୁମାର ଭଞ୍ଜଙ୍କୁ ସମାଜସେବା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମଞ୍ଚ ପରିଚାଳନାରେ ସୂଚାରୁ ଭାବେ ସମ୍ପନ୍ନ ହୋଇଥିଲା। ପରିଶେଷରେ ଚେତନା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚେତନା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ଧନ୍ୟବାଦ ଅର୍ପଣ କରିବା ସହ ସଭାସଙ୍ଗ କରିଥିଲେ।

# ସୁବର୍ଣ୍ଣରେଖାର ବନ୍ୟା ପ୍ରକୋପ ପାଇଁ ସାନରାଉତପଡ଼ା ଲୋକେ ଆତଙ୍କିତ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନସ୍ଥ କୋଟସାହି ପଞ୍ଚାୟତର ସାନରାଉତପଡ଼ା ଗ୍ରାମ ନିକଟସ୍ଥ ସୁବର୍ଣ୍ଣରେଖା ନଦୀରୁ ଗତ ୩ ଦିନ ହେଲା ପ୍ରବଳ ଅତଡା ଖସୁଛି।ସାନରାଉତପଡା ପ୍ରାଥମିକ ସ୍କୁଲ ଓ ରାମେଶ୍ୱର ମହାଦେବ ମନ୍ଦିର ପାଖରେ ପାଖାପାଖି ଶହେ ମିଟରରୁ ଉର୍ଦ୍ଧ୍ୱ ଅତଡ଼ା ଖସିଛି। ଏହାକୁ ନେଇ କୋଟସାହି, ପାଇକସିଦା, ଗଡ଼ସାହି ବାଲିଆପାଳ ଓ ଚୋରମରା ଆଦି ଯଦି ପଞ୍ଚାୟତର ଅଧିବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏହି ୪ ପଞ୍ଚାୟତକୁ ସଂଯୋଗ କରୁଥିବା ଆ?ଡି ରାସ୍ତା ପ୍ରତି ମଧ୍ୟ ବିପଦ ଦେଖାଦେଇଛି। ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାରୁ କେଉଁ ମୁହୂର୍ତ୍ତରେ ନଦୀ ସେଠାରେ କୂଳ ଲଂଘିବ କହି ହେବନି ବୋଲି ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି। ଅତଡ଼ା ଖସୁଥିବା ସ୍ଥାନରେ ତଟ ସୁରକ୍ଷା ପାଇଁ ପ୍ରଶାସନ ଅବିଳମ୍ବେ ପଦକ୍ଷେପ ନେଉ ବୋଲି କୁଞ୍ଜବିହାରୀ ଜେନା, ଅଶୋକ ପରିଡା, ବିଶ୍ୱନାଥ ଦାସ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ଖଗେନ୍ଦ୍ର ନାଥ ସାହୁ, ନିର୍ମଳ ଚନ୍ଦ୍ର ଦାସ, କମଳ ଲୋଚନ ପରିଡ଼ା ପ୍ରମୁଖ ଜଳେଶ୍ୱର ବିଧାୟକ, ବାଲେଶ୍ୱର ସାଂସଦ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଜଳସମ୍ପଦ ବିଭାଗର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହାର ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି।

## ଜାତୀୟ ସ୍ୱଚ୍ଛତା ମାନ୍ୟତାରେ ପ୍ରଥମ ସ୍ଥାନ ହାସଲ ପାଇଁ ନଗର ଉନ୍ନୟନ ମନ୍ତ୍ରୀଙ୍କ ଆହ୍ୱାନ

# ଭୁବନେଶ୍ୱର ଓ କଟକରେ ବନ୍ୟା ନିୟନ୍ତ୍ରଣ ପଦକ୍ଷେପକୁ ଜୋରଦାର କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର ଉନ୍ନତି ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏବଂ କଟକ ମହାନଗର ନିଗମ (କେଏମସି)ରେ ସ୍ୱଚ୍ଛତା, ଡ୍ରେନେଜ୍ ଓ ସହରାଂଚଳ ବନ୍ୟା ନିୟନ୍ତ୍ରଣ ପଦକ୍ଷେପ ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ରାଜ୍ୟର ଦୁଇ ପ୍ରମୁଖ ସହରାଂଚଳ ପାଇଁ ଏକ ଲକ୍ଷ୍ୟ ନିର୍ଦ୍ଧାରଣ କରି ମନ୍ତ୍ରୀ ଜାତୀୟ ସ୍ୱଚ୍ଛତା ସର୍ବେକ୍ଷଣ ମାନ୍ୟତାରେ ଶୀର୍ଷ ସ୍ଥାନ ହାସଲ କରିବାକୁ ବିଏମସି ଓ କେଏମସିକୁ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ନିଜ ବର୍ଗରେ ଭୁବନେଶ୍ୱର ନବମ ସ୍ଥାନ ହାସଲ କରିଥିବା କଥା ଉଲ୍ଲେଖ କରି ସେ କହିଛନ୍ତି ଯେ, ଆଗାମୀ ଜାତୀୟ ସ୍ୱଚ୍ଛତା ମୂଲ୍ୟାୟନରେ ଭୁବନେଶ୍ୱର ଏବଂ କଟକ ଯେପରି ପ୍ରଥମ ସ୍ଥାନ ଅଧିକାର କରିବେ, ସେଥିପାଇଁ ଉଭୟ ପୌରସଂସ୍ଥା ମିଶନ ମୋଡ଼ରେ କାର୍ଯ୍ୟ କରିବା ସହ ନିଜ ପ୍ରୟାସକୁ ଦ୍ୱିଗୁଣିତ କରିବା ଉଚିତ। ପ୍ରବଳ ବର୍ଷା ସମୟରେ ଜଳବନ୍ଦୀ ଓ ସହରାଂଚଳ ବନ୍ୟା ପରିସ୍ଥିତିର ସମୀକ୍ଷା କରି ଡ. ମହାପାତ୍ର ମେସିନ୍ ଦ୍ୱାରା ଡ୍ରେନ୍ ସଫେଇ ଏବଂ ନିୟମିତ ପଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ କେତେକ ସ୍ଥାନରେ ସଂକୀର୍ଣ୍ଣ ଡ୍ରେନ୍ ଏବଂ ୩ରୁ ୪ ଫୁଟ ପର୍ଯ୍ୟନ୍ତ ପଙ୍କ ଜମି ରହିଥିବା ଜଣାପଡ଼ିଥିବାରୁ, ବ୍ୟାପକ ଡ୍ରେନ୍ ସଫେଇ ପାଇଁ ଅତ୍ୟାଧୁନିକ ଯନ୍ତ୍ରାଂଶ ନିୟୋଜିତ କରିବାକୁ ଏବଂ ଜଳ ନିଷ୍କାସନ କ୍ଷମତା ବଜାୟ ରଖି ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ବଡ଼ ଡ୍ରେନ୍ ଗୁଡ଼ିକୁ ବର୍ଷକୁ ଅତି କମରେ ୩ ଥର ପଙ୍କମୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଯୁକ୍ତିବିଦ୍ୟା ଆଧାରିତ ବନ୍ୟା ମୁକାବିଲା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ମନ୍ତ୍ରୀ କହିଛନ୍ତି ଯେ, ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅତ୍ୟାଧୁନିକ ଫ୍ଲଡ୍ ସେନ୍ସର ଲଗାଯାଇ ଏହାକୁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ସହ ସଂଯୋଗ କରାଯାଉ। ଏହି ବ୍ୟବସ୍ଥା ଦ୍ୱାରା ରିଅଲ୍-ଟାଇମ୍ ମନିଟରିଂ, ସମ୍ଭାବ୍ୟ ଜଳପ୍ଲାବନର ପୂର୍ବାନୁମାନ ଏବଂ ସମ୍ବେଦନଶୀଳ ଅଂଚଳକୁ ଠିକ୍ ସମୟରେ ସତର୍କ ସୂଚନା ମିଳିପାରିବ, ଯାହା ଫଳରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ କ୍ଷୟକ୍ଷତିକୁ ରୋକାଯାଇ ପାରିବ। ବାରମ୍ବାର ଜଳବନ୍ଦୀ ଓ ପରିମଳ ସମସ୍ୟା ଉପୁଜୁଥିବା ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକର ମଧ୍ୟ ଡଃ ମହାପାତ୍ର ସମୀକ୍ଷା କରିଥିଲେ। ଇସ୍କନ ମନ୍ଦିର ନିକଟରେ ଚାଲିଥିବା ଡ୍ରେନେଜ୍ ପ୍ରକଳ୍ପକୁ ତ୍ୱରାନ୍ୱିତ କରି ସେଠାରେ ଲାଗି ରହିଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବେହେରା ସାହିରେ ଡ୍ରେନେଜ୍ କାର୍ଯ୍ୟକୁ ଦ୍ରୁତ ଗତିରେ ଶେଷ କରିବା ଏବଂ ବିଏମସି ଅଧୀନରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରାସ୍ତା ସହିତ ଡ୍ରେନ୍ ଭିତିଭୂମିକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସୈନିକ ସ୍କୁଲ ଅଂଚଳ ସମେତ ଚିହ୍ନଟ ସ୍ଥାନଗୁଡ଼ିକରେ ବାରମ୍ବାର ଆବର୍ଜନା ଜମା ହେବା ଏବଂ ଦୁର୍ଗନ୍ଧ ସମସ୍ୟାର ସମାଧାନ ପାଇଁ ଅଭିନବ ତଥା ପ୍ରଯୁକ୍ତିବିଦ୍ୟା ଆଧାରିତ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛତା କାର୍ଯ୍ୟ କେବଳ ଦୈନନ୍ଦିନ ଝାଡୁ-ସଫେଇରେ ସୀମିତ ନ ରହି ଏକ ସ୍ୱଚ୍ଛ, ସୁସ୍ଥ ଓ ବାସୋପଯୋଗୀ ସହର ଗଠନ ପାଇଁ ଦୀର୍ଘସ୍ଥାୟୀ ତଥା ପ୍ରଯୁକ୍ତି-ଆଧାରିତ ସମାଧାନକୁ ଆପଣାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଡଃ ମହାପାତ୍ର କହିଛନ୍ତି ଯେ, ଭୁବନେଶ୍ୱର ଓ କଟକକୁ ଦେଶର ସବୁଠାରୁ ସ୍ୱଚ୍ଛ ତଥା ସୁପରିଚାଳିତ ସହରରେ ପରିଣତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। କେବଳ ରାଙ୍କିଙ୍ଗ୍ ବୃଦ୍ଧି କରିବା ନୁହେଁ, ବରଂ ସ୍ୱଚ୍ଛତା, ଡ୍ରେନେଜ୍ ଓ ସହରାଂଚଳ ଭିତିଭୂମିରେ ଏକ ଦୃଶ୍ୟମାନ ତଥା ସ୍ଥାୟୀ ଉନ୍ନତି ଆଣିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଆଧୁନିକ ଜ୍ଞାନକୌଶଳ, ପ୍ରଭାବଶାଳୀ ତଦାରଖ ଏବଂ ନାଗରିକଙ୍କ ସକ୍ରିୟ ଭାଗୀଦାରୀ ସହିତ ଜାତୀୟ ସ୍ୱଚ୍ଛତା ମାନ୍ୟତାରେ ପ୍ରଥମ ସ୍ଥାନ ହାସଲ କରିବା ପାଇଁ ବିଏମସି ଏବଂ କେଏମସି ସ୍ପଷ୍ଟ ଲକ୍ଷ୍ୟ ରଖି କାର୍ଯ୍ୟ କରିବା ଉଚିତ। ସହରାଞ୍ଚଳ ବନ୍ୟା ପ୍ରସଙ୍ଗରେ ସେ କହିଛନ୍ତି ଯେ ଅସ୍ଥାୟୀ ପଦକ୍ଷେପ ପରିବର୍ତ୍ତେ ଅଗ୍ରୀମ ପ୍ରସ୍ତୁତି, ନିୟମିତ ପଙ୍କ ଉଦ୍ଧାର, ମେସିନ୍ ସଫେଇ ଏବଂ ରିଅଲ୍-ଟାଇମ୍ ମନିଟରିଂ ମାଧ୍ୟମରେ ସ୍ଥାୟୀ ସମାଧାନ କରାଯିବା ଆବଶ୍ୟକ। ସମସ୍ତ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା, ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଏବଂ ସ୍ୱଚ୍ଛତା ତଥା ବନ୍ୟା ପରିଚାଳନାରେ ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିବାରଣ, ପୂର୍ବପ୍ରସ୍ତୁତି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ଦୀର୍ଘସ୍ଥାୟୀ ସମାଧାନ ଉପରେ ଧ୍ୟାନ ଦେଇ ସହରାଂଚଳ ଭିତିଭୂମିକୁ ସୁଦୃଢ଼ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ) ମିଶନ ଡାଇରେକ୍ଟର ବିନୟ କୁମାର ଦାଶ, ବିଏମସି କମିଶନର ଚଂଚଳ ରାଣା, କେଏମସି କମିଶନର କିରଣଦୀପ କୌର ସାହୋତା, ୱାଟକୋ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ଓଡ଼ବ୍ଲୁଏସଏସବି ଇଆଇସି ଭାଗ୍ୟଧର ମହାନ୍ତି ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜିକରଣ ତ୍ୱରାନ୍ୱିତ

## ଅଦ୍ୟାବଧି ପଞ୍ଜିକୃତ ହୋଇଛନ୍ତି ପ୍ରାୟ ସାଢେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସାଢେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଲେଣି। ଏହି ପଞ୍ଜିକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପଞ୍ଜିକରଣ ପ୍ରକ୍ରିୟା ଅବଧି ଶେଷ ହେବାକୁ ଯାଉଥିବାରୁ ଅଧିକ ଚାଷୀ ପଞ୍ଜିକରଣ କରୁଥିବା ଦୃଷ୍ଟିକୁ ଆସିଛି। ଏଥି ନିମନ୍ତେ ଚାଷୀ ପଞ୍ଜିକରଣ ପାଇଁ ପ୍ରାଥମିକ କୃଷି ସମବାୟ ସମିତି, ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି ଏବଂ ପାଣି ପଂଚାୟତରେ ପଞ୍ଜିକରଣ କରାଯାଉଛି। ଏଥିରେ ପଞ୍ଜିକରଣ ପାଇଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହ ଏବେ ଦୈନିକ ପ୍ରାୟ ଏକ ଲକ୍ଷ ଚାଷୀ ପଞ୍ଜିକରଣ କରୁଥିବା ଲକ୍ଷ୍ୟ କରାଯାଉଛି।

ବର୍ତ୍ତମାନ ଏହି ପଞ୍ଜିକରଣ ପ୍ରକ୍ରିୟା ସମସ୍ତ ଜିଲ୍ଲାରେ ଜାରି ରହିଛି। ବରଗଡ଼ ଜିଲ୍ଲାରେ ପ୍ରାୟ ୬୦ ହଜାର ଚାଷୀ ପଞ୍ଜିକରଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୪୩ ହଜାର, କଳାହାଣ୍ଡିରେ ୪୦ ହଜାର ଓ ପୁରୀ ଜିଲ୍ଲାରେ ପ୍ରାୟ ୨୪ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୯୦୭ଟି ପ୍ୟାକ୍ସ ଓ ୪ଟି ପାଣି ପଂଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଜାରି ରହିଛି।

ସଂପୃକ୍ତ ପ୍ୟାକ୍ସଗୁଡ଼ିକରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ସମୟରେ ଚାଷୀମାନଙ୍କ ଆଧାର ନମ୍ବର, ମୋବାଇଲ ନମ୍ବର, ପି-ପାସ୍ ମାଧ୍ୟମରେ ଦାଖଲ କରି ପଞ୍ଜିକରଣ ପ୍ରକ୍ରିୟା ଶେଷ କରାଯାଉଛି ଏବଂ ବିନା ଶୁଳ୍କରେ ଚାଷୀମାନଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ କରାଯାଉଛି। ପଞ୍ଜିକରଣ ବେଳେ ପ୍ରଦତ୍ତ ତଥ୍ୟକୁ ନିର୍ଭୁଲ କରିବା ପାଇଁ ଚାଷୀଙ୍କ ଉପସ୍ଥିତିରେ ପଞ୍ଜିକରଣ ସଂପନ୍ନ କରାଯାଉଛି। ଚଳିତ ବର୍ଷର ବ୍ୟବସ୍ଥା ଅନୁଯାୟୀ ଚାଷୀମାନଙ୍କୁ ସମିତିର କର୍ମଚାରୀ ମାନେ ନିଜ ପାଖରେ ବସାଇ ପଞ୍ଜିକରଣ କାର୍ଯ୍ୟ କରାଉଛନ୍ତି ଯାହାଦ୍ୱାରା ଦାଖଲ ହେଉଥିବା ସମସ୍ତ ତଥ୍ୟ ଚାଷୀମାନେ ଜାଣି ପାରୁଛନ୍ତି। ପଞ୍ଜିକରଣ ବେଳେ ସୋସାଇଟି ମାନଙ୍କରେ ସହାୟତା କେନ୍ଦ୍ର ଖୋଲାଯାଇ ଆବେଦନକାରୀଙ୍କୁ ଯଥାଯଥ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯାଉଛି। ଏଥି ସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ, ମୋବାଇଲ୍ ନମ୍ବର, ପି-ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତି ପତ୍ର ଅପ୍‌ଲୋଡ୍ କରାଯାଉଛି। ଏହି କ୍ଷେତ୍ରରେ ଜମି ମାଲିକଙ୍କ ଇ-କେୱାଇସି ମଧ୍ୟ ସଂପନ୍ନ କରାଯାଉଛି।

ଚଳିତ ପଞ୍ଜିକରଣ ପ୍ରକ୍ରିୟା ବିଭିନ୍ନ ବିଭାଗ ଯଥା-ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ କରାଯାଉଛି। ପଞ୍ଜିକରଣବେଳେ ସଂପୃକ୍ତ ଅଞ୍ଚଳର ଭିଏଡବ୍ଲୁ ସମିତିରେ ଉପସ୍ଥିତ ରହୁଥିବାବେଳେ ରାଜସ୍ୱ ନିରୀକ୍ଷକ ମଧ୍ୟ ଉପସ୍ଥିତ ରହି ଆବେଦନକାରୀଙ୍କୁ ଯଥାଯଥ ସହଯୋଗ ଦେଉଛନ୍ତି। ଯଥାଶୀଘ୍ର ନିଜ ନିଜର ପଞ୍ଜିକରଣ କରାଇନେବା ପାଇଁ ସମସ୍ତ ଯୋଗ୍ୟ ଚାଷୀମାନଙ୍କୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରମ ସଂହିତା...

ନୁହେଁ ବୋଲି ସେହି ରାୟରେ ସ୍ପଷ୍ଟ ହୋଇଥିଲା।

କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ୯-ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦେଇଥିବା ରାୟ 'ଶିଳ୍ପ' ଶବ୍ଦର ପୁନଃ ବ୍ୟାଖ୍ୟା ପାଇଁ ବାଟ ଖୋଲିଛି। କୌଣସି ପ୍ରକାର ବିବାଦକୁ ଏଡ଼ାଇବା ପାଇଁ ପୁରୁଣା ମାମଲାଗୁଡ଼ିକ ପାଇଁ ପୁରୁଣା ବ୍ୟାଖ୍ୟାକୁ ବଜାୟ ରଖାଯାଇଛି। ଫଇସଲା ହୋଇସାରିଥିବା ମାମଲାକୁ ପୁନର୍ବାର ଖୋଲାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରାୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶିଳ୍ପ ସମ୍ପର୍କ ସଂହିତା ୨୦୨୦ ସମ୍ପର୍କରେ ଦିଆଯାଇଥିବା ସ୍ପଷ୍ଟୀକରଣ। ଅଦାଲତ କହିଛନ୍ତି ନୂଆ ସଂହିତାରେ 'ଶିଳ୍ପ' ଶବ୍ଦର ବ୍ୟାଖ୍ୟାକୁ ଆଧାର ଭାବେ ଗ୍ରହଣ କରାଯିବନାହିଁ। ଏହାର ଅର୍ଥ ହେଉଛି ଭବିଷ୍ୟତରେ ଦେଖାଦେବାକୁ ଥିବା ବିବାଦ ୨୦୨୦ର ସଂହିତାର ନିଜସ୍ୱ ସଂଜ୍ଞା, ବିଧାନ ଓ ଆଇନଗତ ଉଦ୍ଦେଶ୍ୟ ଅନୁସାରେ ସ୍ଥିର ହେବ। ଏହି ରାୟ ଫଳରେ ପୁରୁଣା ଆଇନ ଅଧୀନରେ ଚାଲିଥିବା ଶ୍ରମ ବିବାଦଗୁଡ଼ିକରେ କର୍ମଚାରୀଙ୍କ ସୁରକ୍ଷା ହଠାତ୍ କମିବାର ଆଶଙ୍କା ଦୂର ହୋଇଛି। ଯେଉଁ ମାମଲାଗୁଡ଼ିକ ପୂର୍ବ ଆଇନ ଅନୁସାରେ ଆରମ୍ଭ ହୋଇଛି ସେଗୁଡ଼ିକରେ ଦୀର୍ଘଦିନ ଧରି ପ୍ରଚଳିତ ବ୍ୟାପକ ବ୍ୟାଖ୍ୟାକୁ ଆଧାର କରି ନିଷ୍ପତ୍ତି ହେବ। କିନ୍ତୁ ଶ୍ରମ ସମ୍ପର୍କ ସଂହିତା ଅନୁସାରେ 'ଶିଳ୍ପ' ଶବ୍ଦର କିଭଳି ବ୍ୟାଖ୍ୟା ହେବ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

## ସାମୁଦ୍ରିକ ସୁରକ୍ଷା ...

ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଏକ ରୂପରେଖ ଉପଲବ୍ଧ ହେବ।

ରଣନୈତିକ ଏବଂ ପରିଚାଳନାଗତ ଆବଶ୍ୟକତାକୁ ପୂରଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ସୁରକ୍ଷା ସହଯୋଗକୁ ତ୍ୱରାନ୍ୱିତ କରିବା ଲାଗି ଦୁଇ ମନ୍ତ୍ରୀ ସହମତ ହୋଇଥିଲେ। ଜାପାନର ବୈଷୟିକ ଦକ୍ଷତା ଏବଂ ଭାରତର ଉତ୍ପାଦନ ସାମର୍ଥ୍ୟର ଲାଭ ଉଠାଇ ନୌସେନା ଜାହାଜ ନିର୍ମାଣ ଏବଂ ଡିଜାଇନରେ ମିଳିତ ବିକାଶର ଅନ୍ୱେଷଣ କରିବା ଉଚିତ। ସେ ଏହା ମଧ୍ୟ କହିଥିଲେ ଯେ ଉଭୟ ପକ୍ଷ ପ୍ରତିରକ୍ଷା ଜାହାଜ ନିର୍ମାଣ ଏବଂ ଆନୁସଙ୍ଗିକ କ୍ଷେତ୍ରରେ ପରସ୍ପରର ସାମର୍ଥ୍ୟକୁ ଉପଯୋଗ କରିବା ଉଚିତ। ନିକଟ ଭବିଷ୍ୟତରେ ଜାହାଜ ମରାମତି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ସହିତ ଜାହାଜ ମରାମତି ସୁବିଧାର ପାରସ୍ପରିକ ବ୍ୟବସ୍ଥା ଜାରି ରଖିବାକୁ ମଧ୍ୟ ଦୁଇ ମନ୍ତ୍ରୀ ରାଜି ହୋଇଥିଲେ।

ଜାପାନ-ଭାରତ ସେନା ସମରାଭ୍ୟାସ 'ଧର୍ମ ଗାର୍ଡିଆନ୍' ଏବଂ ଜାପାନ-ଭାରତ ସାମୁଦ୍ରିକ ସମରାଭ୍ୟାସ 'ଜେଏମ୍ଇଏକ୍ସ' ସମେତ ଜାପାନ ଏବଂ ଭାରତ ଦ୍ୱାରା ପରିଚାଳିତ ଦ୍ୱିପାକ୍ଷିକ ସମରାଭ୍ୟାସର ନିରନ୍ତର ସମ୍ପ୍ରସାରଣକୁ ଦୁଇ ମନ୍ତ୍ରୀ ସ୍ୱାଗତ କରିଥିଲେ। ଚଳିତ ବର୍ଷ ଦୁଇ ଦେଶର ବାୟୁସେନା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା 'ଭାଲିଏଣ୍ଟ ଗାର୍ଡିଆନ୍' ପାଇଁ ସହଯୋଗର ନିରନ୍ତର ଅଗ୍ରଗତିକୁ ସେମାନେ ବିଶେଷ ଭାବେ ସ୍ୱାଗତ କରିଥିଲେ। ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସର ଯୁଦ୍ଧ ବିମାନ ପ୍ରଥମ ଥର ପାଇଁ ଭାରତକୁ ଆସିବ। ଦୁଇ ଦେଶର ସେନା ନିଜ ନିଜ ସ୍ୱତନ୍ତ୍ର ଅପରେସନ୍ ଫୋର୍ସ ମଧ୍ୟରେ ବିନିମୟକୁ ପ୍ରୋତ୍ସାହିତ କରିବାକୁ ଏବଂ ଦୁଇ ସୈନ୍ୟବାହିନୀ ମଧ୍ୟରେ ସହଯୋଗକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତର ସମନ୍ୱିତ ଥିଏଟର କମାଣ୍ଡ ଗଠନ ହେବା ପରେ ସହଯୋଗ ଜାରି ରଖିବାକୁ ରାଜି ହୋଇଥିଲେ।

ପ୍ରତିରକ୍ଷା ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ପାଇଁ ଜାପାନର ଢାଞ୍ଚାର ସଦ୍ୟ ସମୀକ୍ଷାକୁ ଶ୍ରୀ ସିଂହ ସ୍ୱାଗତ କରିଥିଲେ ଏବଂ ଆଶା ବ୍ୟକ୍ତ କରିଥିଲେ ଯେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ତଥା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ପାଇଁ ଜାପାନ ଆହୁରି ଅଧିକ ଯୋଗଦାନ କରିବ। ଚଳିତ ବର୍ଷ ଫେବୃଆରୀରେ ଜାପାନ, ଭାରତ ଏବଂ ଇଣ୍ଡୋନେସିଆ ସହିତ ଅନୁଷ୍ଠିତ ପ୍ରଥମ ତ୍ରିପାକ୍ଷିକ ନୌସେନା ସମରାଭ୍ୟାସକୁ ଦୁଇ ମନ୍ତ୍ରୀ ସ୍ୱାଗତ କରିଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ଅନ୍ୱେଷଣ କରିବା ଏବଂ ଏହି କ୍ଷେତ୍ର ତଥା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ପାଇଁ ମିଳିତ ଭାବେ ଯୋଗଦାନ କରିବା ଉଦ୍ଦେଶ୍ୟରେ ଉଚ୍ଚସ୍ତରୀୟ ବିନିମୟ, ସମରାଭ୍ୟାସ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରୟାସ ମାଧ୍ୟମରେ ତୃତୀୟ ଦେଶଗୁଡ଼ିକ ସହିତ ସହଯୋଗକୁ ଗଭୀର କରିବା ଲାଗି ସେମାନେ ସହମତ ହୋଇଥିଲେ।

## ଜେଲ୍ କର୍ମଚାରୀ...

କରି ଆସିଷ୍ଟାଣ୍ଟ ମାଟ୍ରନ ପର୍ଯ୍ୟନ୍ତ ୩୭୮ ଜଣ ଅଧିକାରୀଙ୍କ ପୋଷାକ ଭତ୍ତା ୩୦୦୦ ଟଙ୍କାରୁ ୬୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୨,୧୨୨ ଜଣ ଚିଫ୍ ୱାର୍ଡର୍, ୱାର୍ଡର୍ ଓ ମହିଳା ୱାର୍ଡରଙ୍କ ବାର୍ଷିକ ପୋଷାକ ଭତ୍ତାକୁ ୪୦୦୦ ଟଙ୍କାରୁ ୮୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ସମୁଦାୟ ୨୫୦୦ ଜଣ ଜେଲ୍ କର୍ମଚାରୀ ଓ ଅଧିକାରୀ ଉପକୃତ ହେବେ। ଚଳିତ ଆର୍ଥିକ ବର୍ଷରୁ ଏହି ନୂତନ ପୋଷାକ ଭତ୍ତା ଲାଗୁ ହେବ।

## ବିପିପିଏଲ...

ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ବ୍ୟାରେଜକୁ ସମ୍ପୂର୍ଣ୍ଣ ଖାଲି କରିବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି, ଯାହାଦ୍ୱାରା ତଳମୁଣ୍ଡ ଅଞ୍ଚଳ ଜଳମଗ୍ନ ହେବାରୁ ରକ୍ଷା ପାଇପାରିବ।

## ସରକାରୀ ସମ୍ପତ୍ତି ...

ଯେ ବିଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଉଛି। ଅନେକ ଗାଡି ଜବତ କରାଯିବା ସହ ମୋଟରଯାନ ଆଇନ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଇନ୍ସ୍ୟୁରାନ୍ସ, ପରମିଟ ନଥିବା ଗାଡିକୁ ନୋଟିସ କରାଯାଉଛି। ୪୦୦ ଗାଡ଼ି ଚାଳକଙ୍କ ସହ ମାଲିକଙ୍କୁ ନୋଟିସ୍ ହେବ।

ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ୨୦୨୩ରୁ ଏଗ୍ରିଗେଟର ପଲିସି ଲାଗୁ ହୋଇଛି। ଧାର୍ଯ୍ୟ ମୂଲ୍ୟଠୁ ଅଧିକ ଭଡ଼ା ଯାତ୍ରୀଙ୍କ ଠାରୁ କମ୍ପାନୀ ନେଇପାରିବେନି। ୨୦୦୮ରୁ ସରକାରଙ୍କ ସ୍ଥିରୀକୃତ ଭଡା ଧାର୍ଯ୍ୟ ରହିଥିଲା

ସୋମବାର ଧାର୍ଯ୍ୟ ମୂଲ୍ୟ ଉପରେ ପୁନଃ ନିର୍ଦ୍ଧାରଣ ହୋଇଥାନ୍ତା। ଏହା ପୂର୍ବରୁ ଏଭଳି ବିଶୃଙ୍ଖଳା ପରିସ୍ଥିତି ଉପୁଜାଇଛନ୍ତି ଅଟୋ ଚାଳକ। ରାଜଧାନୀରେ ୨୫ ହଜାର ଅଟୋ ଚଳାଚଳ ପାଇଁ ପଞ୍ଜୀକୃତ ହୋଇଛନ୍ତି। ଅଫଲାଇନରେ ୧୫ ହଜାର ଓ ୧୦ ହଜାର ଅନଲାଇନ ପାଇଁ ପଞ୍ଜୀକୃତ ଅଛନ୍ତି। ୧୦ ହଜାର ଟ୍ୟାକ୍ସି ପଞ୍ଜୀକୃତ, ୬୦୦ ବାଇକ ଅନଲାଇନ ପ୍ଲାଟଫର୍ମରେ ଚାଲିଛି। ବେଆଇନ ଭାବରେ ୪ ହଜାର ବାଇକ ଅନଲାଇନ ପ୍ଲାଟଫର୍ମରେ ଚାଲୁଛି ବୋଲି ସେ କହିଛନ୍ତି।

## ବନ୍ୟା ପ୍ରଭାବିତ...

୧ କିଲୋଗ୍ରାମ ଏବଂ ୧୨ ବର୍ଷରୁ କମ୍ ଶିଶୁଙ୍କ ପାଇଁ ଦୈନିକ ୫୦୦ ଗ୍ରାମ ହିସାବରେ ଚାଉଳ ବଣ୍ଟନ କରାଯିବ।

ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାରେ ପ୍ରଭାବିତ ଲୋକଙ୍କ ଆନୁମାନିକ ସଂଖ୍ୟା, ସ୍ୱତନ୍ତ୍ର ରିଲିଫ୍ କେତେଦିନ ଆବଶ୍ୟକ ହେବ ଏବଂ ମୋଟ କେତେ ମେଟ୍ରିକ୍ ଟନ୍ ଚାଉଳ ଆବଶ୍ୟକ, ତାହାର ଆକଳନ କରି ଶୀଘ୍ର ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବାଦ୍ ପଡିଲେ...

ଭୋଟରଙ୍କ ନାମରେ ନୋଟିସ୍ ଜାରି କରାଯାଇଥିଲା। ସେଥିମଧ୍ୟରୁ ପ୍ରଶାସନିକ ତତ୍ପରତା ଯୋଗୁଁ ୫୮ଲକ୍ଷ ୩୬ହଜାର ୩୭୪ ଭୋଟର୍ଙ୍କ ନିକଟରେ ସଫଳତାର ସହ ନୋଟିସ୍ ପହଞ୍ଚାଯାଇଛି। ବର୍ତ୍ତମାନ ସୁଦ୍ଧା ନୋଟିସ୍ ପାଇଥିବା ଭୋଟରଙ୍କ ଶୁଣାଣି ଶେଷ କରାଯାଇ ସେଥିମଧ୍ୟରୁ ୫୪ଲକ୍ଷ ୨୧ ହଜାର ୮୭୨ ଭୋଟର୍ଙ୍କୁ ତାଲିକାରେ ବଜାୟ ରଖାଯାଇଛି। ନୋଟିସ୍ ଜାରି କରାଯାଇଥିବା ଭୋଟରଙ୍କ ମଧ୍ୟରୁ ଯେଉଁମାନେ ବୈଧ ପ୍ରମାଣପତ୍ର କିମ୍ବା ଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଛନ୍ତି, ସେମାନଙ୍କ ନାମ ଭୋଟର୍ ତାଲିକାରୁ ବାଦ୍ ଦିଆଯିବ।

ଯୋଗ୍ୟ ନୂତନ ନାଗରିକ ଓ ଯୁବ ଭୋଟରମାନଙ୍କୁ ଭୋଟର୍ ତାଲିକାରେ ଯୋଡ଼ିବା ପାଇଁ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି। ଫର୍ମ-୬ ଜରିଆରେ ମୋଟ ୨,୭୯,୩୧୫ ଜଣ ନୂତନ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। ଯେଉଁ ଭୋଟରମାନଙ୍କ ନାମ ଦୁଇଟି ସ୍ଥାନରେ ଅଛି, ସେମାନେ ଗୋଟିଏ ସ୍ଥାନରୁ ନାମ ହଟାଇ ଅନ୍ୟ ସ୍ଥାନରେ ରଖିବା, ମୃତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ ଜରିଆରେ ୫୩,୬୨୫ଟି ଆବେଦନ ପ୍ରାପ୍ତ ହୋଇଛି। ଭୋଟର୍ ତାଲିକାରେ ଥିବା ନାମ, ଠିକଣା, ବୟସ କିମ୍ବା ଅନ୍ୟାନ୍ୟ ସଂଶୋଧନ ସହ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମକୁ ଏକାଠି ଗୋଟିଏ ମତଦାନ କେନ୍ଦ୍ରରେ ରଖିବା ପାଇଁ ଫର୍ମ-୮ ମାଧ୍ୟମରେ ୧,୯୭,୯୫୨ ଭୋଟର୍ ଆବେଦନ କରିଛନ୍ତି। ସମସ୍ତ ପ୍ରାପ୍ତ ଆବେଦନ ଓ ନୋଟିସଗୁଡ଼ିକର ସୂକ୍ଷ୍ମ ଯାଞ୍ଚ ପ୍ରକ୍ରିୟା ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସ୍ତରରେ ଜାରି ରହିଛି।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍ ଗୋପାଳନ କହିଛନ୍ତି ଯେ ଯେପରି କୌଣସି ଯୋଗ୍ୟ ନାଗରିକ ଭୋଟର୍ ତାଲିକାରୁ ବଞ୍ଚିତ ନ ହୁଅନ୍ତି ଏବଂ କୌଣସି ଅଯୋଗ୍ୟ ନାମ ଭୋଟର୍ ତାଲିକାରେ ନ ରୁହେ, ସେଥିପ୍ରତି ଦୃଷ୍ଟି ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇବାକୁ ଥିବା ଏହି ଚୂଡ଼ାନ୍ତ ତାଲିକା ଆଗାମୀ ନିର୍ବାଚନୀ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ସେହିପରି, ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ 'ନିର୍ବାଚନୀ ସାକ୍ଷରତା କ୍ଲବ' କାର୍ଯ୍ୟକାରୀ କରାଯାଇଛି। ପ୍ରଥମଥର ଭୋଟ୍ ଦେବାକୁ ଥିବା ଯୁବକଯୁବତୀଙ୍କୁ ଭୋଟର୍ ପଞ୍ଜିକରଣ ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯାଉଛି। ନିର୍ବାଚନୀ ସଚେତନତାକୁ ଅଧିକ ପ୍ରସାର କରିବା ପାଇଁ ବିତର୍କ, କୁଇଜ୍ ଏବଂ ପୋଷ୍ଟର୍ ତିଆରି ପ୍ରତିଯୋଗିତା ଆୟୋଜିତ ହେଉଛି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।

ସୂଚନାଯୋଗ୍ୟ, ୨୦୨୬ ମେ' ୧୫ରେ ରାଜ୍ୟର ମୋଟ୍ ଭୋଟରଙ୍କ ସଂଖ୍ୟା ୩,୩୪,୦୫,୪୮୬ ଥିଲା। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର୍ ୧,୬୮,୮୮,୧୩୫, ମହିଳା ଭୋଟର୍ ୧,୬୫,୧୪,୨୬୧ ଏବଂ ତୃତୀୟଲିଙ୍ଗୀ ଭୋଟର୍ ୩,୦୯୦ଜଣ ଥିଲେ। କିନ୍ତୁ, ଏସ୍ଆଇଆର୍ ପ୍ରକ୍ରିୟା(ପ୍ରାକ୍)ରେ ୨୦୨୬ ଜୁଲାଇ ୫ ସୁଦ୍ଧା ୩,୩୩,୯୯,୫୯୧ଜଣ ଭୋଟରଙ୍କ ମଧ୍ୟରୁ ୩,୧୩,୮୭,୦୩୪(୯୩.୯୭%) ଭୋଟର୍ ସେମାନଙ୍କ ପରିଗଣନା ଫର୍ମ ଦାଖଲ କରିଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଗଙ୍ଗାହାର ଓ ବୁଢ଼ାବଳଙ୍ଗ ବନ୍ୟା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବାରିପଦା, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀର ବାରମ୍ବାର ବନ୍ୟା ଯୋଗୁଁ ଅଞ୍ଚଳରେ ନାହିଁ ନଥିବା କ୍ଷୟକ୍ଷତି ଘଟିଛି। ଗଙ୍ଗାହାର ନଦୀ କୂଳରେ ନିର୍ମିତ ଭେଡ଼ିବନ୍ଧର ନିମ୍ନମାନର କାର୍ଯ୍ୟ ହେତୁ ବାରମ୍ବାର ଘାଇ ସୃଷ୍ଟି ହୋଇ ମାନଗୋବିନ୍ଦପୁର, ଶାଳଗାଁ, ଚନ୍ଦନପୁର ଓ ମାଣତ୍ରୀ ଆଦି ପଞ୍ଚାୟତର ହଜାର ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଛି. ଏହାର ସ୍ଥାୟୀ ନିରାକରଣ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଆଞ୍ଚଳିକ ବନ୍ୟା ନିୟନ୍ତ୍ରଣ କମିଟି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଗଙ୍ଗାହାର ଭେଡ଼ି ବନ୍ଧରେ ହୋଇଥିବା ଘାଇଗୁଡ଼ିକର ଜରୁରୀକାଳୀନ ଭିତ୍ତିରେ ଅସ୍ଥାୟୀ ମରାମତି କରାଯିବା, ନଦୀର ଉଭୟ ପାର୍ଶ୍ୱରେ ସ୍ଥାୟୀ ପ୍ରଟେକ୍ସନ ୱାଲ ନିର୍ମାଣ କରି ବନ୍ୟା ଦାଉରୁ ଅଞ୍ଚଳକୁ ରକ୍ଷା କରାଯିବା, ନଷ୍ଟ ହୋଇଥିବା ଫସଲର ସଠିକ ଆକଳନ ସହ ଚାଷୀଙ୍କୁ ପୂର୍ଣ୍ଣାଙ୍ଗ କ୍ଷତିପୂରଣ ପ୍ରଦାନ କରାଯିବା ଇତ୍ୟାଦି ଦାବୀ କରାଯାଇଛି. ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପରିଡା, ପୂର୍ବତନ ବଡସାହି ବିଧାୟକ ଗଣେଶ୍ୱର ପାତ୍ର, ବିଜେଡି ଯୁବନେତା ରାକେଶ ମହାପାତ୍ର, ବୀରେନ୍ଦ୍ର ପ୍ରଧାନ, କିଶୋର ରାଉତ, ପରେଶ ପ୍ରଧାନ, ଅରୁଣ ସିଂହ, ଗିରିଶ ଚନ୍ଦ୍ର ରାଉତ, ରାଧାକୃଷ୍ଣ ମହାଲିକ, ନିରଞ୍ଜନ ମହାନ୍ତି ଓ ସନ୍ତୋଷ ପରିଡା ପ୍ରମୁଖ ଜିଲ୍ଲା ପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଜିଲ୍ଲା ପ୍ରଶାସନ ଏହି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କମିଟି ସଦସ୍ୟମାନେ ଚେତାବନୀ ଦେଇଛନ୍ତି।



# ଇଫ୍‌କୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରାଙ୍କ ପତ୍ନୀ ବିୟୋଗ

**ପାରାଦୀପ, ନ୍ୟୁଜ ବ୍ୟୁରୋ**



ଇଫକୋ ପାରାଦ୍ୱୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ଧର୍ମ ପତ୍ନୀ ରୀନା ବେଉରାଙ୍କ ୪୮ ବର୍ଷ ବୟସରେ ଚିକିତ୍ସା ଅବସ୍ଥାରେ ବାଙ୍ଗାଲୋର ସ୍ଥିତ ଆପୋଲୋ ହସ୍ପିଟାଲରେ ସୋମବାର ଦିନ ଦେହାନ୍ତ ହୋଇଯାଇଛି। ସେ ଜଣେ ପରୋପକାରୀ, ଧର୍ମ ପରାୟଣ ମହିଳା ଥିଲେ। ତାଙ୍କର କୁସୁନପୁର ସ୍ଥିତ ଗ୍ରାମରେ ଅନ୍ତିମ ସଂସ୍କାର କରା ଯାଇଥିବା ବେଳେ ତାଙ୍କର ଜ୍ଞାତି କୁଟୁମ୍ବ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଅହମଦାବାଦର ଇନଷ୍ଟିଚ୍ୟୁଟ୍ ଅଫ୍ କିଡନୀ ଡିଜିଜେସ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁଜରାଟର ଅହମଦାବାଦସ୍ଥିତ ପ୍ରତିଷ୍ଠିତ ଇନଷ୍ଟିଚ୍ୟୁଟ୍ ଅଫ୍ କିଡନୀ ଡିଜିଜେସ୍ ଆଣ୍ଡ ରିସର୍ଚ୍ଚ ସେଂଟର ପରିଦର୍ଶନ କରି ସେଠାକାର ଉନ୍ନତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି, ଚିକିତ୍ସା ଗବେଷଣା ଏବଂ ଅତ୍ୟାଧୁନିକ ପ୍ରତିରୋପଣ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୧ ଅଗଷ୍ଟ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଓଡ଼ିଶାର ଏସଆଇଆର ମଡେଲକୁ ଆପଣେଇବ ମହାରାଷ୍ଟ୍ର

**ଭୁବନେଶ୍ୱର, ୨୦/୦୮**
**ନ୍ୟୁଜ ବ୍ୟୁରୋ**

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାର ସଫଳ କାର୍ଯ୍ୟାନ୍ୱୟନ ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଅଭିଜ୍ଞତା ବାଣ୍ଟିଛନ୍ତି। ମହାରାଷ୍ଟ୍ର ସିଇଓ ଏସ୍. ଚୋକାଲିଙ୍ଗମ୍‌ଙ୍କ ନିମନ୍ତ୍ରଣ କ୍ରମେ ମୁମ୍ବାଇ ଗସ୍ତ କରି ଶ୍ରୀ ଗୋପାଳନ ମୁମ୍ବାଇ ମହାନଗର ନିଗମର ୪ ଜଣ ଅତିରିକ୍ତ ପୌର ଆୟୁକ୍ତ, ୫ଟି ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସମ୍ବୋଧିତ କରିଥିଲେ।

ଏହି ଆଲୋଚନା ଚକ୍ରରେ ଓଡ଼ିଶାରେ ସଫଳତାପୂର୍ବକ ସମ୍ପାଦିତ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଯୋଜନା, ସମୀକ୍ଷା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ନିର୍ବାଚକମାନଙ୍କର ସଠିକ୍ ମ୍ୟାପିଂ, କ୍ଷେତ୍ର ସ୍ତରୀୟ ସମନ୍ୱୟ, ପ୍ରଯୁକ୍ତିବିଦ୍ୟା ଆଧାରିତ ମନିଟରିଂ, ନୋଟିସ୍ ଜାରି, ଶୁଣାଣି ଏବଂ ମାମଲାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ଉପରେ ଓଡ଼ିଶା ସିଇଓ ଶ୍ରୀ ଗୋପାଳନ ଆଲୋକପାତ କରିଥିଲେ।

ଶ୍ରୀ ଗୋପାଳନ ଜଣାଇଥିଲେ ଯେ ଓଡ଼ିଶା ମଡେଲ୍‌ରେ ତଥ୍ୟ ଆଧାରିତ ମନିଟରିଂ ଏବଂ ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣକୁ ପ୍ରାଥମିକତା ଦିଆଯାଇଥିଲା। ବୁଥ୍ ଏବଂ ବିଏଲ୍‌ଓ ସ୍ତରରେ ମ୍ୟାପିଂ ଅଗ୍ରଗତିର ନିରନ୍ତର ସମୀକ୍ଷା କରାଯିବା ସହ କମ୍ ପ୍ରଦର୍ଶନ କରୁଥିବା ଅଞ୍ଚଳଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା। ଏହାବାଦ୍ ସାଧାରଣ ନାଗରିକଙ୍କ ସୁବିଧା ଏବଂ ସ୍ୱିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରି ଭୋଟରଙ୍କ ସହଭାଗିତା ବୃଦ୍ଧି କରାଯାଇଥିଲା।

ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ସଂଶୋଧନ ପ୍ରକ୍ରିୟାରେ ନାଗରିକଙ୍କ ସହଭାଗିତାକୁ ସହଜ କରିବା ଏବଂ ଯୋଗ୍ୟ ନାଗରିକମାନଙ୍କୁ ନିଜ ଭୋଟର ତାଲିକାର ବିବରଣୀ ଯାଞ୍ଚ ଓ ଅଦ୍ୟତନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଶ୍ରୀ ଗୋପାଳନ ଓଡ଼ିଶାରେ ବର୍ତ୍ତମାନର ଭୋଟର ତାଲିକାକୁ ପୂର୍ବ ଭୋଟର ତାଲିକା ସହିତ ମ୍ୟାପିଂ କରିବାର ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ। ଏଥିରେ ମ୍ୟାପ୍ ହୋଇଥିବା, ମ୍ୟାପ୍ ହୋଇନଥିବା ଏବଂ ଅସଙ୍ଗତି ଥିବା ମାମଲାଗୁଡ଼ିକୁ ସୁସଂଗଠିତ ଭାବେ ଚିହ୍ନଟ କରାଯାଉଥିବା ବିଷୟରେ ସେ ସୂଚନା ଦେଇଥିଲେ।

ବୁଥ୍ ସ୍ତରୀ ଓ ବିଏଲ୍‌ଓ ସ୍ତରୀ ମ୍ୟାପିଂ ପ୍ରଗତିର ନିରନ୍ତର ତଦାରଖ, କମ୍ ପ୍ରଗତି ହେଉଥିବା ଅଞ୍ଚଳରେ ସ୍ୱତନ୍ତ୍ର ହସ୍ତକ୍ଷେପ ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ତଥ୍ୟଭିତ୍ତିକ ମନିଟରିଂ ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ଓଡ଼ିଶା ମଡେଲ୍‌ର ମୁଖ୍ୟ ବୈଶିଷ୍ଟ୍ୟ ବୋଲି ସେ କହିଥିଲେ।

ସେହିପରି ଏସ୍‌ଆଇଆରର ନୋଟିସ୍ ଓ ଶୁଣାଣି ପର୍ଯ୍ୟାୟ ସମ୍ପର୍କରେ ମଧ୍ୟ ଶ୍ରୀ ଗୋପାଳନ ବିସ୍ତୃତ ସୂଚନା ଦେଇଥିଲେ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବାରେ ନିୟମିତ ସମୀକ୍ଷା ବୈଠକ, ସମସ୍ୟା ଚିହ୍ନଟ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଓଡ଼ିଶାର ଅଭିଜ୍ଞତାରୁ ପ୍ରମାଣିତ ହୋଇଥିବା ସେ କହିଥିଲେ।



ଭୁବନେଶ୍ୱର : ମୈତ୍ରୀବିହାର ତଥା ସାଲିଆସାହି ଅଞ୍ଚଳରେ ଗୁରୁତର ଭାବେ ଅସୁସ୍ଥ ଏକ ବାଛୁରୀ ରାସ୍ତା ପାର୍ଶ୍ୱରେ ପଡିରହି ଜୀବନ ସହ ସଂଗ୍ରାମ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଆନିମଲ ହେଲ୍‌ପ ଲାଇନ୍ ଏବଂ ସହିଦନଗର ଏସ୍‌ଡିଭିଓଙ୍କୁ ଜଣାଇବା ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।
(ଫଟୋ : ପ୍ରମୋଦ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ)

## ୩ କୋଟିରୁ ଅଧିକ ଟଙ୍କା ବକେୟା ମାମଲା

# ବିଦେଶୀ ଜାହାଜ 'ଏମ୍‌ଟି ୟୁନିଟ୍' ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୦/୦୮**
**ନ୍ୟୁଜ ବ୍ୟୁରୋ**

ଏକ ସାମୁଦ୍ରିକ ମାମଲାର ଶୁଣାଣି କରି ପାରାଦୀପ ବନ୍ଦରରେ ଥିବା ବିଦେଶୀ ଜାହାଜ 'ଏମ୍‌ଟି ୟୁନିଟି'କୁ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। 'ସୋଗ୍ଲାସି ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍' ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ଆଡମିରାଲିଟି ଜଜ୍ ଜଷ୍ଟିସ୍ ଭି. ନରସିଂହ ଏହି ଆଦେଶ ଦେଇଛନ୍ତି।



'ସୋଗ୍ଲାସି ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍' ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜାହାଜ ଏବଂ ତା'ର ମାଲିକଙ୍କ ବିରୋଧରେ ୩ କୋଟିରୁ ଅଧିକ ଟଙ୍କା ବାକି ପରିଶୋଧ ପାଇଁ ଦାବି କରିଥିଲେ। ଜାହାଜର କର୍ମଚାରୀମାନଙ୍କ ବାକି ଦରମା ଏବଂ ଜାହାଜ ଚଳାଚଳ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଣ ବାବଦରେ ଏହା ଖର୍ଚ୍ଚ ହୋଇଥିବା ଆବେଦନକାରୀ ଦର୍ଶାଇଥିଲେ। 'ଆଡମିରାଲ୍ଟି ଆକ୍ଟ-୨୦୧୭ର ଧାରା ୪(୧) ଅଧୀନରେ ବାକି ଅର୍ଥର ଦାବି ଗ୍ରହଣଯୋଗ୍ୟ ହୋଇଥିବାରୁ ଏବଂ ଜାହାଜଟି ପାରାଦୀପ ବନ୍ଦର ଛାଡ଼ି ଚାଲିଯିବାର ସମ୍ଭାବନା ଥିବାରୁ କୋର୍ଟ ତୁରନ୍ତ ଏହାକୁ ଗିରଫ କରିବାକୁ ଆଦେଶ ଦେଇଛନ୍ତି। ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି ଯେ ଜାହାଜରେ ଥିବା ମାଲ୍ ବା ସାମଗ୍ରୀ ସହିତ ଏହି ମାମଲାର କୌଣସି ସମ୍ପର୍କ ନାହିଁ। ତେଣୁ ଜାହାଜ ଗିରଫ ହେଲେ ମଧ୍ୟ ମାଲ୍ ଖଲାସ ପ୍ରକ୍ରିୟା ଜାରି ରହିପାରିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୯ ତାରିଖକୁ ଧାର୍ଯ୍ୟ କରାଯାଇଛି।

## କିମ୍‌ସ ଡାକ୍ତରଙ୍କ ସଫଳତା

# ୧୦ମାସର ଶିଶୁ ଖାଦ୍ୟନଳୀରୁ ବାହାରିଲା ଧାତବ ପିନ୍

**ଭୁବନେଶ୍ୱର, ୨୦।୮**
**ନ୍ୟୁଜ ବ୍ୟୁରୋ**

୧୦ ମାସର ଶିଶୁ ଅସାବଧାନତା ଭାବେ ଗିଳି ଦେଇଥିଲା ଧାତବ ପିନ୍। କିମ୍‌ସ ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ଶିଶୁଟି ମୃତ୍ୟୁ ମୁହଁରୁ ବଞ୍ଚିଯାଇଛି। ରାଉରକେଲାର ୧୦ ମାସର ଶିଶୁ ଏକ ଧାତବ ପିନ୍ ଗିଳି ଦେଇଥିଲା। ପିନ୍‌ଟି ଶିଶୁର ଖାଦ୍ୟନଳୀରେ ଅଟକି ରହିଥିଲା। ଶିଶୁଟି ବାରମ୍ବାର ବାନ୍ତି କରିବାରୁ ତାକୁ ତା'ର ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାରେ ଦେଖାଇଥିଲେ। ବାନ୍ତିର କାରଣ ଜଣାନପଡ଼ିବାରୁ ତାକୁ ୧୮ତାରିଖରେ ସେମାନେ କିମ୍‌ସରେ ଭର୍ତ୍ତି କରିଥିଲେ। କିମ୍‌ସ ଡାକ୍ତରମାନେ ବିଭିନ୍ନ ପରୀକ୍ଷା କରିବା ପରେ ଶିଶୁଟିର ଗଳା ତଳକୁ ଖାଦ୍ୟନଳୀର ଉପର ଅଂଶରେ ଏକ ତୀକ୍ଷ୍ଣ ପିନ୍ ଅଟକି ରହିଥିବା ଜାଣିବାକୁ



ପାଇଥିଲେ। ପିନ୍‌ଟି ତୀକ୍ଷ୍ଣ ହୋଇଥିବାରୁ ଏହାକୁ ଖାଦ୍ୟନଳୀରୁ କାଢ଼ିବା ଡାକ୍ତରଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। ଏହାକୁ ସିଧା ସଳଖ କାଢ଼ିଲେ ଏହା ଖାଦ୍ୟ ନଳୀରେ ଗଭୀର କ୍ଷତ ସୃଷ୍ଟି ସହ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିଲା। ତେବେ ଖାଦ୍ୟନଳୀରେ କୌଣସି କ୍ଷତ ସୃଷ୍ଟି ନକରି କିପରି ପିନ୍‌ଟିକୁ କଢ଼ାଯିବ ସେ ନେଇ ଡାକ୍ତରୀ ଦଳ ସତର୍କତାର ପ୍ରକ୍ରିୟା ପ୍ରସ୍ତୁତ କରିଥିଲେ। କିମ୍‌ସ କର୍ଣ୍ଣ-ନାସା-ଗଳା, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ନିଶ୍ଚେତକ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ଡାକ୍ତରୀ ଦଳ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ ପ୍ରକ୍ରିୟାରେ ପିନ୍‌ଟିକୁ ପେଟକୁ ଆଣିବା ପରେ ସେଠାରୁ ବାହାରକୁ ବାହାର କରିଥିଲେ। ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହି ପ୍ରକ୍ରିୟାରେ କୌଣସି ଜଟିଳତା ଆସିନଥିଲା। କିମ୍‌ସ ଇଏନ୍‌ଟି ବିଶେଷଜ୍ଞ ଡା କବିକାନ୍ତ ସାମନ୍ତରାୟ, ଡା ମାନସ ରଞ୍ଜନ ରାଉତ, ଡା. ଟି ରାଜମୋହନ ରାଓ, ଡା. ଦିବ୍ୟଲୋଚନ ପ୍ରହରାଜ ଓ ଡା. ସ୍ନେହାଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ଏହି ଜଟିଳ ପ୍ରକ୍ରିୟାରେ ସାମିଲ୍ ହୋଇଥିଲେ। ଏଭଳି ପ୍ରକ୍ରିୟା କରିବା ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରାଯିବା ଉଚିତ ବୋଲି ଡା. ସାମନ୍ତରାୟ ପ୍ରକାଶ କରିଛନ୍ତି। କିମ୍‌ସରେ ଉନ୍ନତ ଏଣ୍ଡୋସ୍କୋପିକ୍ ଉପକରଣ ଥିବାରୁ ଏହା ସମ୍ଭବ ହୋଇପାରିଲା ବୋଲି ସେ କହିଛନ୍ତି। ଶିଶୁଟିର ସଫଳ ଚିକିତ୍ସା ପାଇଁ ତା'ର ଅଭିଭାବକ କିମ୍‌ସ ଓ ଏହାର ଡାକ୍ତରୀ ଦଳକୁ କୃତଜ୍ଞତା ଜଣାଇଛନ୍ତି। ଏଭଳି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳଙ୍କୁ ଧନ୍ୟବାଦ ଜଣାଇବା ସହ ଶିଶୁର ଆରୋଗ୍ୟ କାମନା କରିଛନ୍ତି।

# ୪୯ ଗ୍ରାମ୍ ହେରୋଇନ ଜବତ : ଜଣେ ଗିରଫ



**ଜଗତସିଂହପୁର, ୨୦/୦୮**
**ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ସୋମନାଥ ହାଟାବାଜର ନିକଟ ରାସ୍ତାରେ ହେରୋଇନ ବେପାର ହେଉଥିବାବେଳେ ଚୋରା ବେପାରୀକୁ ମାଡ଼ିବସିଲେ। ଗାଲୁପଡାର ୩୨ ବର୍ଷୀୟା ଲିପକ କୁମାର ଦାସଙ୍କ ଠାରୁ ୪୯ ଗ୍ରାମ୍ ହିରୋଇନ୍ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି। ଲିପକ ଦାସକୁ ଗିରଫ କରାଯାଇ ଅବକାରୀ ବିଭାଗ ପକ୍ଷରୁ କୋର୍ଟକୁ ପଠାଯାଇଥିଲା। ଜବତ ୪୯ ଗ୍ରାମ୍ ହେରୋଇନର ଆନୁମାନିକ ବଜାର ମୂଲ୍ୟ ୪ ଲକ୍ଷ ୯୦ ହାଜର ହେବ। ଏଥିରେ ଏକ୍ସାଇଜ୍ ଜିଲ୍ଲା ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ, ଭାଗ୍ୟଲକ୍ଷ୍ମୀ ଦଳାଇ, ସୁଶାନ୍ତ ମାଝୀ, ବିଶ୍ୱ ରଞ୍ଜନ ସ୍ୱାଇଁ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ଅଧିକାରୀମାନେ ସହଯୋଗ କରିଥିଲେ।

## ଜଳ ସମ୍ପଦ ବିଭାଗର ସମୀକ୍ଷା ବୈଠକ

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ



**ଭୁବନେଶ୍ୱର, ୨୦।୮**
**ନ୍ୟୁଜ ବ୍ୟୁରୋ**

ଜଳ ସମ୍ପଦ କ୍ଷେତ୍ରରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବଜେଟର ଫଳପ୍ରଦ ବିନିଯୋଗ ଓ ପ୍ରକଳ୍ପଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାନ୍ୱୟନରେ ଥିବା ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ଏବଂ ପ୍ରସ୍ତାବିତ କାର୍ଯ୍ୟ ସମେତ ପୁଞ୍ଜି ବ୍ୟୟ, ପ୍ରମୁଖ ଜଳସେଚନ, ନିଷ୍କାସନ, ଡ୍ୟାମ୍, ବ୍ୟାରେଜ୍ ଓ କେନାଲ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ସହ ବ୍ୟୟର ନିୟମିତ ନିରୀକ୍ଷଣ କରିବାକୁ ନିୟନ୍ତ୍ରଣକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଟେଣ୍ଡର ଚୂଡ଼ାନ୍ତକରଣ ଓ କାର୍ଯ୍ୟାଦେଶ ପ୍ରଦାନ, ବିଚାରାଧୀନ ଅନୁମୋଦନ ଓ ଇଏଫସି ପ୍ରସ୍ତାବର ଶୀଘ୍ର ନିଷ୍ପତ୍ତି, ବାସ୍ତବସମ୍ମତ ବ୍ୟୟ ଆକଳନ ଏବଂ ଆର୍ଥିକ ବର୍ଷ ମଧ୍ୟରେ ବଜେଟର ପ୍ରଭାବଶାଳୀ ବିନିଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭାଗୀୟ ବ୍ୟୟ କେବଳ ଆର୍ଥିକ ଲକ୍ଷ୍ୟ ପୂରଣରେ ସୀମିତ ନରହି ଫଳାଫଳମୁଖୀ ହେବା ଆବଶ୍ୟକ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଲୁ ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ଜଳସେଚନ ସମ୍ଭାବନା ସୃଷ୍ଟି, ଜଳ ସମ୍ପଦ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପ୍ରକଳ୍ପର ଉଦ୍ଦିଷ୍ଟ ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରାଥମିକତା ଦେବାକୁ କୁହାଯାଇଥିଲା। ଉପଲବ୍ଧ ଆର୍ଥିକ ସମ୍ବଳର ସର୍ବୋତ୍ତମ ଓ ଉତ୍ପାଦନଶୀଳ ବିନିଯୋଗ ପାଇଁ ସମନ୍ୱିତ ପ୍ରୟାସ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ବୈଠକରେ ପିଏମ୍ ଗତି ଶକ୍ତି ପୋର୍ଟାଲ ଉପରେ ଏକ ଉପସ୍ଥାପନା ଦିଆଯାଇଥିଲା। ଜଳକର ଆଦାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପିଏମ୍ ଗତି ଶକ୍ତି ପ୍ଲାଟଫର୍ମର ପ୍ରଭାବଶାଳୀ ବ୍ୟବହାର, ଜଳକର ଆଦାୟ ବୃଦ୍ଧି ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏଥିସହ ଜାତୀୟ ଜଳ ପୁରସ୍କାର ପାଇଁ ଓଡ଼ିଶାର ନାମାଙ୍କନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ କୁମାର ରାଉତ, ପୁନଃସ୍ଥାପନ ଏବଂ ପୁନର୍ବାସ ନିର୍ଦ୍ଦେଶକ ଅଶୋକ କୁମାର ବେହେରା ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ମେଡିକାଲ୍‌ର ବିପିଏମ୍ ମନୋଜ ନାୟକ

**କୁଜଙ୍ଗ, ୨୦/୮**
**ନ୍ୟୁଜ ବ୍ୟୁରୋ**



ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୁଜଙ୍ଗ ମେଡିକାଲ ପ୍ରୋଗ୍ରାମ୍ ମ୍ୟାନେଜର (ବିପିଏମ୍) ମନୋଜ ନାୟକ। ଜଣେ କାର୍ଯ୍ୟରତ ଆଶା କର୍ମୀଙ୍କଠାରୁ ଏକ କାର୍ଯ୍ୟ କରାଇଦେବାକୁ କହି ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଜଗତସିଂହପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଆଶା କର୍ମୀ ପ୍ରଭାତୀ ମଲ୍ଲିକଙ୍କଠାରୁ ମନୋଜ ନାୟକ ଟଙ୍କା ଦାବି କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ପରେ ଯୋଜନାବଦ୍ଧ ଭାବେ ଜାଲ ବିଛାଯାଇଥିଲା। ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ବିପିଏମ୍ ମନୋଜ ନାୟକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ତଳିଆ କର୍ମଚାରୀ ଓ ସାଧାରଣ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ନେଇ ଏକାଧିକ ଅଭିଯୋଗ ରହିଥିଲା। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ନେଇ ଭିଜିଲାନ୍ସ ତଦନ୍ତ ପରେ ସ୍ପଷ୍ଟ ହେବ। ଘଟଣାକୁ ନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।




ରବିବାସରୀୟ କଳିକା

ନୂଆ ଆଇନରେ 'ବନ୍ଦେ ମାତରମ୍'କୁ ଅପମାନ କଲେ ଭୋଗିବାକୁ ପଡିବ ଜେଲଦଣ୍ଡ

ବଢ଼ିଛି ଡିଜିଟାଲ ପାଠାଗାର ପ୍ରତି ଆଦର

ସାର୍ବଜନୀନ ସ୍ଥାନରେ ଧୂମପାନ ରୋକିବାରେ ଓଡ଼ିଶା ପଛରେ

ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଚିନ୍ତା ବଢ଼ାଉଛି ମ୍ୟାଲେରିଆ ଓ ଡେଙ୍ଗୁ

**ବୁର୍ଲା, ୨୦/୮ ନ୍ୟୁଜ ବ୍ୟୁରୋ**

ମଶା ଆକାରରେ ଅତି କ୍ଷୁଦ୍ର, ହେଲେ ବିପଦ ବଡ଼। ମଶା କାମୁଡ଼ାରୁ ମ୍ୟାଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ଜାପାନୀଜ୍ ଏନ୍‌ସେଫାଲାଇଟିସ୍ ଓ ଫାଇଲେରିଆ ଭଳି ରୋଗ ସଂକ୍ରମିତ ହେଉଛି। ପରିବର୍ତ୍ତିତ ପରିବେଶ, ଜଳବାୟୁ ପରିବର୍ତ୍ତନ, ଅନିୟମିତ ଜଳ ନିଷ୍କାସନ ଓ ଅପରିଷ୍କାର ପରିବେଶ ମଶା ବଂଶବୃଦ୍ଧିକୁ ଅନୁକୂଳ କରୁଛି। ପଶ୍ଚିମ ଓଡ଼ିଶାରେ ଏହି ସମସ୍ୟା ଚିନ୍ତା ବଢ଼ାଉଛି। ଏଭଳି ସ୍ଥିତିରେ ମଶାଜନିତ ରୋଗ ଉପରେ ଅଧିକ ଗବେଷଣା ପାଇଁ ବୁର୍ଲା ଭିମ୍‌ସାରରେ ଏଣ୍ଟୋମୋଲୋଜି ବିଭାଗ ଖୋଲିବାକୁ ଦାବି ହେଉଛି। ଗୁରୁବାର ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ। ୧୮୯୭ ମସିହା ଅଗଷ୍ଟ ୨୦ରେ ଭାରତରେ କାର୍ଯ୍ୟରତ ବ୍ରିଟିଶ୍ ସେନାର ଚିକିତ୍ସକ ସାର୍ ରୋନାଲ୍ଡ ରସ୍ ମାଈ ଏନୋଫିଲିସ୍ ମଶା ଶରୀରରେ ମ୍ୟାଲେରିଆ ପରଜୀବୀ ଚିହ୍ନଟ କରିଥିଲେ। ମଶା ମାଧ୍ୟମରେ ମ୍ୟାଲେରିଆ ସଂକ୍ରମଣର ଏହା ଥିଲା ପ୍ରଥମ ବୈଜ୍ଞାନିକ ପ୍ରମାଣ। ଏହି ଆବିଷ୍କାର ପାଇଁ ୧୯୦୨ରେ ସେ ନୋବେଲ ପୁରସ୍କାର ପାଇଥିଲେ। ପଶ୍ଚିମ ଓଡ଼ିଶା ଚାଷପ୍ରବଣ ଅଞ୍ଚଳ। ଧାନ ଓ ଅନ୍ୟାନ୍ୟ ଫସଲ ଚାଷ ପାଇଁ ବିସ୍ତୃତ ଜମି ରହିଥିବା ବେଳେ ଅନେକ ଗାଁରେ ଘର ପାଖରେ ଗାଈଗୋରୁ ସମେତ ଗୃହପାଳିତ ପଶୁ ରଖାଯାଏ। ଚାଷଜମି, ନାଳନର୍ଦ୍ଦମା, ଜମି ରହୁଥିବା ପାଣି ଓ ପଶୁପାଳନ ଅଞ୍ଚଳରେ ଆର୍ଦ୍ର ପରିବେଶ ମଶାବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ଫଳରେ ଅନେକ ସ୍ଥାନରେ ମଶା ପ୍ରାଦୁର୍ଭାବ ଅଧିକ ଅନୁଭୂତ ହେଉଛି। ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲା ମ୍ୟାଲେରିଆ ମାମଲାର ଅଧିକ ଭାର ଥିବା ଅଞ୍ଚଳ ମଧ୍ୟରେ ରହିଛି। କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବୌଦ୍ଧ ଓ ନୂଆପଡ଼ା ଭଳି ଜିଲ୍ଲା ଅନ୍ତର୍ଭୁକ୍ତ। ଓଡ଼ିଶାରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବିଭିନ୍ନ ବିଶେଷ କାର୍ଯ୍ୟକ୍ରମ ଚାଲିଛି। ଆଦିବାସୀ ଅଞ୍ଚଳରେ ଡାମନ୍ କାର୍ଯ୍ୟକ୍ରମ ମାଧ୍ୟମରେ ମ୍ୟାଲେରିଆ ନିୟନ୍ତ୍ରଣରେ ଉଲ୍ଲେଖନୀୟ ସଫଳତା ମିଳିଥିଲା। କୋଭିଡ୍ ଓ ପରବର୍ତ୍ତୀ ସମୟରେ ମାମଲା ପୁଣି ବଢ଼ିଛି। ୨୦୨୩ରେ ରାଜ୍ୟରେ ୪୧,୯୭୩ ମ୍ୟାଲେରିଆ ମାମଲା ଚିହ୍ନଟ ହୋଇଥିବା ବେଳେ ୨୦୨୪ରେ ଏହା ୬୮,୬୯୩ ଏବଂ ୨୦୨୫ରେ ୬୨,୧୩୭କୁ ବୃଦ୍ଧି ପାଇଥିଲା। ସେହିପରି ଏଡିସ୍ ମଶାବାହିତ ଡେଙ୍ଗୁ ମଧ୍ୟ ରାଜ୍ୟରେ ଏକ ନିୟମିତ ସ୍ୱାସ୍ଥ୍ୟ ସମସ୍ୟା ହୋଇଛି। ୨୦୨୨ରେ ୭,୦୬୩ ଡେଙ୍ଗୁ ମାମଲା ଥିବାବେଳେ ୨୦୨୫ରେ ଏହା ୯,୮୯୨କୁ ବଢ଼ିଛି। ୨୦୧୮ରେ ଦକ୍ଷିଣ ଓଡ଼ିଶାରେ ଜାପାନୀଜ୍ ଏନ୍‌ସେଫାଲାଇଟିସ୍ ବଡ଼ ବିପଦ ସୃଷ୍ଟି କରିଥିଲା। ଶିଶୁଙ୍କ ଟିକାକରଣ କାର୍ଯ୍ୟକ୍ରମରେ ଜେଇ ଟିକା ସାମିଲ ହେବା ପରେ ଏହାର ପ୍ରଭାବ ଅନେକ ମାତ୍ରାରେ ହ୍ରାସ ପାଇଛି। ପଶ୍ଚିମ ଓଡ଼ିଶାର ଚିକିତ୍ସା ସେବା କ୍ଷେତ୍ରରେ ବୁର୍ଲା ଭିମ୍‌ସାରକୁ ପ୍ରାଣକେନ୍ଦ୍ର ଭାବେ ବିବେଚନା କରାଯାଏ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ଅଞ୍ଚଳରୁ ପ୍ରତିଦିନ ବହୁ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ଏଥିରେ ମ୍ୟାଲେରିଆ ଓ ଡେଙ୍ଗୁରେ ଆକ୍ରାନ୍ତ ରୋଗୀ ମଧ୍ୟ ରହିଛନ୍ତି। ଭିମ୍‌ସାର କେବଳ ଏକ ଚିକିତ୍ସାଳୟ ନୁହେଁ, ଏହା ଚିକିତ୍ସା ବିଜ୍ଞାନର ଏକ ଶିକ୍ଷା ଓ ଗବେଷଣା କେନ୍ଦ୍ର। ତେଣୁ ପଶ୍ଚିମ ଓଡ଼ିଶାରେ ମଶାଜନିତ ରୋଗର ବ୍ୟାପକତା, ମଶା ପ୍ରଜାତି ଓ ସେମାନଙ୍କ ପ୍ରଜନନ ସମ୍ପର୍କରେ ବୈଜ୍ଞାନିକ ଅଧ୍ୟୟନ ପାଇଁ ଭିମ୍‌ସାରରେ ଏକ ଏଣ୍ଟୋମୋଲୋଜି ବିଭାଗ ଖୋଲିବାକୁ ଦାବି ହେଉଛି। ଏହି ବିଭାଗ ଖୋଲିଲେ ମଶାମାନଙ୍କ ବିଭିନ୍ନ ପ୍ରଜାତି, ଜୀବନଚକ୍ର, ପ୍ରଜନନ ସ୍ଥଳୀ, ରୋଗଜୀବାଣୁ ସଂକ୍ରମଣରେ ସେମାନଙ୍କ ଭୂମିକା ଓ ମଶା ନିୟନ୍ତ୍ରଣର ପ୍ରଭାବୀ ଉପାୟ ଉପରେ ବ୍ୟାପକ ସର୍ଭେ ଓ ଗବେଷଣା କରାଯାଇପାରିବ। ସ୍ଥାନୀୟ ପରିବେଶ ଅନୁଯାୟୀ କେଉଁ ପ୍ରଜାତିର ମଶା ଅଧିକ ରହୁଛନ୍ତି ଏବଂ ସେମାନଙ୍କ ଦ୍ୱାରା କେଉଁ ରୋଗର ବିପଦ ଅଧିକ, ସେନେଇ ମଧ୍ୟ ତଥ୍ୟଭିତ୍ତିକ ଅଧ୍ୟୟନ ସମ୍ଭବ ହୋଇପାରିବ। ମଶାଜନିତ ରୋଗ ମଧ୍ୟରେ ଫାଇଲେରିଆ ମଧ୍ୟ ଏକ ଦୀର୍ଘକାଳୀନ ସମସ୍ୟା। ଏହାଦ୍ୱାରା ଶରୀରରେ ଦୀର୍ଘସ୍ଥାୟୀ ଫୁଲା ଓ ଅକ୍ଷମତା ସୃଷ୍ଟି ହୋଇ ଲୋକଙ୍କ ଜୀବନ, ଜୀବିକା ଓ ସାମାଜିକ ଜୀବନ ପ୍ରଭାବିତ ହୋଇପାରେ। ୨୦୨୪ରେ ଓଡ଼ିଶାରେ ୬୭ ହଜାରରୁ ଅଧିକ ଲିମ୍ଫୋଡିମା ରୋଗୀଙ୍କୁ ସ୍ୱ-ଯତ୍ନ ସହାୟତା ଦିଆଯାଇଥିବା ବେଳେ ୩,୬୦୦ରୁ ଅଧିକ ହାଇଡ୍ରୋସିଲ୍ ଅସ୍ତ୍ରୋପଚାର କରାଯାଇଥିଲା। ମଶାଜନିତ ରୋଗର ଚିକିତ୍ସା ସମ୍ଭବ ହେଲେ ମଧ୍ୟ ରୋଗ କାରଣରୁ ମାନବ ସମ୍ବଳ, କାର୍ଯ୍ୟଦିବସ ଓ ଜୀବନହାନି କ୍ଷତି ରୋକିବା ପାଇଁ ପ୍ରତିରୋଧ ଉପରେ ଗୁରୁତ୍ୱ ଦେବା ଜରୁରୀ। ଘର ଓ ଆଖପାଖରେ ପାଣି ଜମିବାକୁ ନ ଦେବା, ପାଣି ରଖାଯାଉଥିବା ପାତ୍ର ଘୋଡ଼ାଇ ରଖିବା, ସପ୍ତାହକୁ ଥରେ କୁଲର ସଫା କରିବା, ପୁରୁଣା ଟାୟାର, ଡବା ଓ ଅନ୍ୟାନ୍ୟ ଅଦରକାରୀ ପାତ୍ର ଖୋଲାରେ ନ ରଖିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ସୁଦୃଢ଼ କରିବା ଆବଶ୍ୟକ। ମଶାରି ବ୍ୟବହାର, ପୂରା ହାତ ଢାଙ୍କୁଥିବା ପୋଷାକ ପିନ୍ଧିବା ଓ ମଶା ପ୍ରତିରୋଧକ ବ୍ୟବହାର ମଧ୍ୟ ଜରୁରୀ।




ସମ୍ପାଦକୀୟ ପୃଷ୍ଠା-୪

ଉତ୍କଳ ଦୀପିକା

୧୮୬୬ରେ ପ୍ରକାଶିତ ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର

RNI Regd. No. : ODIODI/2016/67976

THE UTKAL DEEPIKA

ସାପ୍ତାହିକ ସମ୍ବାଦ ପତ୍ରିକା

Email : utkaldeepika2016@gmail.com

Vol -12 • Issue-06 • 19-25th August 2026 • Bhubaneswar

'ଉତ୍କଳ ଦୀପିକା' ପ୍ରକାଶନ ସ୍ଥାନ ସ୍ମାରକୀପୀଠ ଘୋଷଣା

ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିଃ, ପାରାଦୀପ ୟୁନିଟ୍

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com